ISSN -2583-147X(P), Vol.- 8, Issue No.XI, February 2023
Bastabatara Pariprakash Prachee
*Peer Reviewed and Referred Research Journal*

# ଓଡ଼ିଆ ଭାଷାର ଅସ୍ମିତା : ଶିଳାଲେଖ

ଡ. ନଗେନ କୁମାର ଦାସ

୧.୦ ଗୋଟିଏ ଭାଷା ବଳିଷ୍ଠ ହୁଏ, ଯେତେବେଳେ ସେହି ଭାଷାର ଗଦ୍ୟ ରୂପ ବିକଶିତ ହୋଇ ଏକ ପୂର୍ଣ୍ଣାଙ୍ଗ ରୂପ ନେଇଥାଏ । ଅର୍ଥାତ ଜ୍ଞାନ ଚର୍ଚ୍ଚାର ସକଳ କ୍ଷେତ୍ରରେ ଅଂଶୀଭୂତ ହୋଇ ଗୋଟିଏ ଜାତିର ପରିଚିତିକୁ ପ୍ରକଟ କରାଇବାରେ ଦକ୍ଷତା ଅର୍ଜନ କରିଥାଏ । ଶତାବ୍ଦୀ ଶତାବ୍ଦୀ ଧରି, ଗୋଟିଏ ଭାଷା ତାର ଉନ୍ମେଷ ଓ ଉତ୍ତରଣ କ୍ଷେତ୍ରରେ ବିବିଧ ସୋପାନ ଅତିକ୍ରମୀ ନିଜର ଗଦ୍ୟ ରୂପଟିକୁ ବିକଶିତ କରିଥାଏ । ଓଡ଼ିଆ ଭାଷା କ୍ଷେତ୍ରରେ ମଧ୍ୟ ଅନୁରୂପ ଦୃଷ୍ଟାନ୍ତ ଆମେ ପାଇଥାଉ । ଓଡ଼ିଆ ଭାଷାର ଶବ୍ଦ ଓ ବାକ୍ୟ ରୂପ କିପରି ଆଦି ଅବସ୍ଥାରେ ଥିଲା ତାର ନମୂନା ଶିଳାଲେଖ ବା ଅଭିଲେଖର ଅଧ୍ୟୟନକୁ ଜଣାପଡେ । ଓଡ଼ିଶାରେ ଖୋଦିତ ଶିଳାଲେଖ ବା ଅଭିଲେଖରେ ଓଡ଼ିଆ ଭାଷା ସଂପର୍କିତ ଅବବୋଧ ଓ ଅସ୍ମିତା ନିର୍ମାଣରେ ସହାୟକ ହୋଇଛି ।

୧.୧ ପ୍ରତ୍ନ ଓଡ଼ିଆ ଭାଷାର ନିଦର୍ଶନ ରୂପେ ଆମେ ଯେଉଁ ବିଭାଗଗୁଡ଼ିକୁ ଗ୍ରହଣ କରିଥାଉ, ସେଗୁଡ଼ିକ ମଧ୍ୟରୁ ଶିଳାଲେଖ ଅନ୍ୟତମ । ପ୍ରାଚୀନ ଓଡ଼ିଆ ଗଦ୍ୟର ଆଦିରୂପ ଆମେ ତାମ୍ରପତ୍ର/ ଫଳକ, ମନ୍ଦିର ଗାତ୍ରରେ ଖୋଦିତ ଲେଖ, ମାଦଳା ପାଞ୍ଜି, ସିଷୁବେଦ, ସାରଳା ମହାଭାରତ ପ୍ରଭୃତିରେ ଦେଖିବାକୁ ପାଇଥାଉ । ତେବେ ଏକାଦଶ ଶତାବ୍ଦୀରୁ ୧୪ଶ ଶତାବ୍ଦୀ ମଧ୍ୟରେ ଓଡ଼ିଆ ଭାଷାର ପଦ୍ୟରୂପ ଆମ ନିକଟରେ ଉପଲବ୍ଧ । ତେବେ ଏହି ସମୟ ଥିଲା ଓଡିଆ ଗଦ୍ୟର ଶୈଶବ ଅବସ୍ଥା । ଗଦ୍ୟର ଶୈଶବକାଳୀନ ଅବସ୍ଥାରେ ଅଦ୍ୟାବଧି ଯେତେଗୁଡ଼ିଏ ଅଭିଲେଖ ଆବିଷ୍କୃତ ହୋଇଛି ସେମାନଙ୍କ ମଧ୍ୟରୁ ଉରଜାମ ଶିଳାଲେଖଟିରେ ଓଡ଼ିଆ ଭାଷାର ଆଦ୍ୟ ନିଦର୍ଶନ ରହିଛି ବୋଲି ବିଶିଷ୍ଟ ଭାଷାବିତ ଡ. କୁଞ୍ଜବିହାରୀ ତ୍ରିପାଠୀ ମତପୋଷଣ କରିଛନ୍ତି । ଉରଜାମ ଶିଳାଲେଖ (୧୦୫୧ ଖ୍ରୀ.) ବ୍ୟତୀତ ଭୁବନେଶ୍ୱର ଦ୍ୱୈଭାଷିକ ଶିଳାଲିପି (୧୩ଶ ଶତାବ୍ଦୀ), କୋଣାର୍କ ଶିଳାଲିପି (୧୪ଶ ଶତାବ୍ଦୀ) ଗୋବିନ୍ଦପୁର ଶିଳାଲେଖ, ସିଦ୍ଧେଶ୍ୱର ଶିଳାଲେଖ (୧୩୯୪ ଖ୍ରୀ), ଲିଙ୍ଗରାଜ ମନ୍ଦିର ଶିଳାଲେଖ (୧୪୩୬ ଖ୍ରୀ), ଜୟ ବିଜୟ ଶିଳାଲେଖ (୧୪୯୭ଖ୍ରୀ) ପ୍ରଭୃତି ଅଭିଲେଖମାନଙ୍କରେ ଓଡ଼ିଆ ଭାଷାର ଉପସ୍ଥିତି ଲକ୍ଷ୍ୟ କରିପାରିବା ।

ଓଡ଼ିଆ ଭାଷା ତଥା ଲିପିର କ୍ରମବିକାଶରେ ଉପରୋକ୍ତ ଶିଳାଲେଖଗୁଡ଼ିକର ଅବଦାନ ଉଲ୍ଲେଖନୀୟ । ଶବ୍ଦ ପ୍ରୟୋଗ, ବାକ୍ୟ ଗଠନ ରୀତି ସହିତ ବ୍ୟବହାରିକ ବ୍ୟାକରଣର ଶଂକୁ ଏଥିରେ ଆମେ ଦେଖିବାକୁ ପାଇବା । ଉଭୟ ସାହିତ୍ୟିକ ମୁଲ୍ୟ ଓ ଭାଷାତାତ୍ତ୍ୱିକ ମୂଲ୍ୟ ରହିଥିବାରୁ ପ୍ରତ୍ନ ଓଡ଼ିଆ ଭାଷାର ସ୍ୱରୂପ ତଥା ସୌନ୍ଦର୍ଯ୍ୟ ଏହି ଶିଳାଲିପିମାନଙ୍କରେ ଉପଲବ୍ଧ । ଏତଦ୍‌ବ୍ୟତୀତ ଏଥିରେ ପ୍ରତିଫଳିତ ଘଟନା ସମୂହ ତତ୍‌କାଳୀନ ଓଡିଶାର ଆର୍ଥ-ସାମାଜିକ ସ୍ଥିତି ଓ ସାଂସ୍କୃତିକ ବିଭବ ସଂପର୍କରେ ଆମେ ଅବଗତ ହୋଇଥାଉ । ଶିଳାଲେଖରେ ବର୍ଣ୍ଣିତ ଘଟଣା କେବଳ ତତ୍‌କାଳୀନ ରାଜନୈତିକ ବିଗ୍ରହଭୂମିକୁ ଦର୍ଶାଇନଥାଏ, ପରନ୍ତୁ ଭୌଗୋଳିକ ଅବସ୍ଥାନ ସଂପର୍କରେ ସୂଚନା ପ୍ରଦାନ କରିଥାଏ । ଏସବୁ ସତ୍ତ୍ୱେ ତତ୍‌କାଳୀନ ଓଡ଼ିଶାରେ କେଉଁସବୁ ଭାଷାର ପ୍ରଚଳନ ଥିଲା ତାର ନିଦର୍ଶନ ଆମେ ଶିଳାଲେଖରେ ବ୍ୟବହୃତ ଶବ୍ଦାବଳୀରୁ ପାଇଥାଉ । ଏହି ସବୁ ଦିଗଗୁଡିକୁ ବିଚାର କରିବାକୁ ହେଲେ କେତେଗୁଡ଼ିଏ ଶିଳାଲେଖର ପାଠଗୁଡିକୁ ଆଲୋଚନା କରାଯାଇପାରେ ।

ଶାସ୍ତ୍ରୀୟ ଭାଷା ନିମନ୍ତେ ଯେଉଁ କେତେଗୁଡିଏ ମୌଳିକ ବୈଶିଷ୍ଟ୍ୟ ପୂର୍ଣ୍ଣ ବିନ୍ଦୁ ରହିଛି, ତାର ପରିପୂର୍ତ୍ତି ଓଡ଼ିଆ ଭାଷାରେ ଘଟିଛି । ଓଡ଼ିଆ ଭାଷା ସଂସ୍କୃତିରୁ ଉଦ୍ଭବ ନୁହେଁ, ପରନ୍ତୁ ପ୍ରାକୃତ, ଅଷ୍ଟ୍ରିକ ଓ ଦ୍ରାବିଡର ଖୁବ୍ ନିକଟବର୍ତ୍ତୀ । ସେହି ଦୃଷ୍ଟିରୁ ଖ୍ରୀ.ପୂ. ତୃତୀୟ ଶତାବ୍ଦୀରେ ଅଶୋକଙ୍କ ଶିଳାଲେଖ

(ଯଦିଓ ଏହା ପାଲିରେ ଲିଖିତ) ଠାରୁ ଖାରବେଳଙ୍କ ଶିଳାଲେଖ ମଧ୍ୟରେ ଓଡ଼ିଆର ପ୍ରାଚୀନ ରୂପ ବୈଭବ ଦେଖିବାକୁ ମିଳିଥାଏ । 'ଲଳିତ ବିସ୍ତର' ଗ୍ରନ୍ଥରେ ବୁଦ୍ଧ ଦେବ ୬୪ ପ୍ରକାର ଭାଷା ଜାଣିଥିବାର ଉଲ୍ଲେଖ ରହିଛି । ଏହି ୬୪ ପ୍ରକାର ଭାଷାରୁ ଉଗ୍ର ଲିପିର ନାମ ରହିଛି । ଏତଦବ୍ୟତୀତ 'ନନ୍ଦୀସୂତ୍ର' ଜୈନ ଗ୍ରନ୍ଥରେ 'ଉଡ୍ରୀ' ଲିପିର ଉଲ୍ଲେଖ ରହିଛି । ସେହି ଦୃଷ୍ଟିରୁ ଅଶୋକ ଏବଂ ଖାରବେଳଙ୍କ ଦୁଇଟି ଶିଳାଲେଖ ଏଠାରେ ଆଲୋଚନା କରାଯିବାର ଯଥାର୍ଥତା ରହିଛି ବୋଲି ମନେକରିବାକୁ ହେବ ।

**୧୩ଶ ଅନୁଶାସନ : କଳିଙ୍ଗ ଯୁଦ୍ଧବର୍ଣ୍ଣନା (ପାଠ)**

ଅଠବଷାଭିସିତଷ ଦେବାନଂ ପିୟଷ ପ୍ରିୟଦଷିନେ ଲାଜିନେ କଲିଗ୍ୟେ ବିଜିତ ।

ଦିୟତମାତେ ପାନ ଶତ ସହଶେ ଯେତଝା ଅପବୁଢେ ଶାତ ଷହଷ ମାତେ ତତ ହତେ ବହୁତା ବଂତକେବା ମଟେ । ତତ ପଚ୍ଛା ଅଧୁନା ଲଧେଷୁ କଲିଗ୍ୟେଷୁ ତିବେ ଧଂମବାୟେ ଧଂମକାମତା ଧଂମାନୁଷଥି ଝ ଦେବାନାଂ ପିୟଷା । ଷେ ଅଥି ଅନଷୟେ ଦେବାନଂ ପିୟଷା ବିଜିନିତୁ କଲିଗ୍ୟାନି । ଅବିଜିତ ହି ବିଜିତ ମତୋ ଏତତା ବଧଂ ବା ମଳେନ ବା ଅପବହେ ବା ଜନଷା । ଷେବାତ ବେଦ ବିୟ ମୁଂ ତେ ଗୁଲୁମୁତେ ଝ ଦେବାନାଂ ପିୟଷା ସବତ ବଷତି ବଭନାଷ ବା ଅନେ ବା ପାଶଂଡା ଗହିଥା ବା ଯେଶୁ ବିହିତା ଏକ ଅଗଭୁତ ଷୁଷୁସା ମତାପିତି ଷୁଷୁଷା, ଗୁଲୁଷୁଷା ।

ମିତଷଂଥୁ ତଷହାୟନାତି କେଷୁ ଦାଶଭତକ ଷିଷମା ପଟି ପତି ଦିଢଭତିତା ।

ତେଷଂ ତତା ହୋତି ଉପଘାତେ ବା ବଧେ ଅଭିଲଷନଂ ବା ବିନିଖମନେ ଯେଷଂ ତାପିଷଂ ବିହିତାନଂ ଷିନେହେ ଅବିପହିନେ ଏତାନଂ ମିତ ଷଂଥୁତଷ ହାୟନାତି ମଧା ବିୟଷନେ ପାପୁନାତି ।

ତତଷେପି ତାନମେଇ ଉପଧାତେ ହୋତି ।

ପଟି ଭାଗେ ଝ ଏଷ ଷବ ମନୁ(ଷା) ନଂ ଗୁଲୁମତେ ବା ଦେବା ନାଂ ପିୟଷା ନଥିଝଷେ ଜନପଦେ ଯତା ନଥି ଇମେ ନିକାୟା ଆନଂତା ଯେନେଷ ବଂଭାନେ ଝ ଷମନେ ଝ ନଥିଝ କୁ ବାପି ଜନପଦଷି ଯତାନଥି ମନୁଷାନଂ ଏକ ତଳଷିପି ପାଷାଡଷି ନୋ ନାମ ପାଷାଦେ ।

x x x x x

ପାଲିଭାଷାରେ ରଚିତ : ଏହି ଅନୁଶାସନରେ ବ୍ୟବହୃତ କେତୋଟି ଶବ୍ଦର ଓଡ଼ିଆ ପ୍ରତିଶବ୍ଦ ନିମ୍ନରେ ଦର୍ଶାଯାଇପାରେ ।

| ପାଲୀ | ସଂସ୍କୃତ | ଓଡିଆ |
|---|---|---|
| ଆଠ | ଅଷ୍ଟ | ଆଠ |
| ବର୍ଷା | ବର୍ଷାଃ | ବର୍ଷ |
| ଅଭିସିତ | ଅଭିଷିକ୍ତ | ଅଭିଷିକ୍ତ |
| ଦେବାନଂ | ଦେବାନାଂ | ଦେବମାନଙ୍କର |
| ପିୟସ | ପ୍ରିୟସ୍ୟ | ପ୍ରିୟଙ୍କ |
| ପ୍ରିୟଦର୍ଶନେ | ପ୍ରିୟଦର୍ଶିନଃ | ପ୍ରିୟଦର୍ଶୀ |
| ରାଜିନେ | ରାଜ୍ଞେ | ରାଜା |
| କଳିଂଗ୍ୟେ | କଳିଙ୍ଗାଃ | କଳିଙ୍ଗ |
| ମଲନେ | ମରଣେ | ମରଣେ |
| ଅନେ | ଅନ୍ୟେ | ଅନ୍ୟ |
| ପାଶାଂଡ | ପାଷାଣ୍ଡାଃ | ପାଷାଣ୍ଡ |
| ଗୁଲୁ | ଗୁରୁ | ଗୁରୁ |
| ଷହଷ | ସହସ୍ର | ସହସ୍ର |
| ମଟ | ମୃତ | ମୃତ |
| ଭାଗେ | ଭାଗୋ | ଭାଗେ |
| ଷିନେହେ | ସ୍ନେହ | ସେନେହ, ସ୍ନେହ |
| ଅଜ | ଅଦ୍ୟ | ଆଜି/ଆଜ |

ଅଶୋକଙ୍କ କଳିଙ୍ଗ ଅନୁଶାସନର ଅନ୍ୟ ଏକ ଦୃଷ୍ଟାନ୍ତ ନିଆଯାଇପାରେ ।

**ପାଠ**

ଦେବାନଂ ପିୟଷ ବଚନେନ ତୋ ସଲିୟଂ ମହାମାତା ନଗଲ ବିୟେ ହାଲଚକ ।

ବିତବିୟ ଅକିଂଛି ଦଖାମି ହକଂ ତଂ ଇଚ୍ଛାମି କିଂତି କଂମନ ପଟି ବେଦୟେ ହଂ

ଦୁବାଲତେ ଚ ଆଲଭେ ହଂ ଏସଚ ମେ ମୋଖ୍ୟ ମତ ଦବାଲେ ଏତସି ଅଥିସି ଅତୁଂ ଫେଂସୁ ଅନୁସଥି ତୁଫେଂହି ବହୁସୁ ପାନ ସହସେସୁ ଆୟତା ପନ (ୟଂ) ଗଚ୍ଛେମ ସୁମୁନି ସାନଂ ସବେ ମୁନିସେ ପଜାମମା.. । ପାଲି ଭାଷାର କେତେକ ଓଡ଼ିଆ ପ୍ରତିଶବ୍ଦ ଏଠାରେ ଆଲୋଚନାର ଅପେକ୍ଷା ରଖେ ।

| ପାଲି | ସଂସ୍କୃତ | ଓଡିଆ |
|---|---|---|
| ନଗୟ | ନଗର | ନଗର (ନଗ୍ର) |
| ବତବୟ | ବକ୍ତବ୍ୟ | ବକ୍ତବ୍ୟ |
| ଦଖାନ | ପଶ୍ୟାମି | ଦେଖୁଛି |
| କିଛି | କଶ୍ଚିତ | କିଛି |
| ଇଚ୍ଛା | ଇଚ୍ଛା | ଇଚ୍ଛା |
| ମୁନିସ | ମନୁଷ୍ୟ | ମଣିଷ/ମନୁଷ୍ୟ |
| ମୋଖ | ମିଖ୍ୟ | ମୁଖ୍ୟ |

ଅଶୋକଙ୍କ ଅନୁଶାସନର ଭାଷା ପାଲି । ଏହି ପାଲିଭାଷାର ସ୍ୱରୂପ ଅନ୍ୟାନ୍ୟ ପ୍ରାକୃତ ଭାଷାର ଖୁବ୍ ନିକଟବର୍ତ୍ତୀ । ଧଉଳିଗିରି ଅନୁଶାସନରେ ଦୀର୍ଘଈ ( ୀ ) ସ୍ଥାନରେ ହ୍ରସ୍ୱଇ ( ି ), ଦୀର୍ଘ ଊ ସ୍ଥାନରେ ( ୂ ) ହ୍ରସ୍ୱ ଉ ( ୁ ) ଔକାର ( ୌ ) ସ୍ଥାନରେ (ୋ) ଓକାର ରହିଥିବା ସ୍ଥଳେ ବିସର୍ଗ (ଃ) ନାହିଁ । ତିନୋଟି ଶ, ଷ, ସ ବଦଳରେ କେବଳ 'ସ'ର ବ୍ୟବହାର ଦେଖିବାକୁ ମିଳେ । ଣ, ଙ, ଞ ର ବ୍ୟବହାର ନାହିଁ । ତେବେ ଯୁକ୍ତାକ୍ଷର ଯଥା କ୍ଷ, ଚ୍ଛ, ସ୍ଥ, ଞ୍ଜ, ସ୍ୱ, ଖ୍ୟ ର ବ୍ୟବହାର ଦେଖାଯାଏ । '୍ୟ' ଫଳାର ବ୍ୟବହାର ଲୋପ ।

ଯଥା ସତ-ସତ୍ୟ, ଅନେ-ଅନ୍ୟ, ହିଳନ-ହିରଣ୍ୟ, ପୁନା-ପୁଣ୍ୟ,

'ର' ଫଳାର ଲୋପ-ପଜା-ପ୍ରଜା, ମିଗେ-ମୃଗ, ପାନ-ପ୍ରାଣ, ପିୟ-ପ୍ରିୟ

'ର' ସ୍ଥାନରେ "ଲ"ର ବ୍ୟବହାର - ଲାଜା (ରାଜା)

ପୁଲେ (ପୁରା), ହାଲାପିତା (ହାରିତାନୀ), ଲୁପାନି (ରୁପାନି)

'ର୍' (ରେ')ର ବ୍ୟବହାର ନାହିଁ- ବସ(ବର୍ଷ), ପବତ(ପର୍ବତ)

'ତ' ସ୍ଥାନରେ 'ଟ'ର ବ୍ୟବହାର - ପିଟି (ପ୍ରତି), କଟା (କୃତା)

## ଖାରବେଳଙ୍କ ଶିଳାଲିପି

ଖାରବେଳଙ୍କ ଶିଳାଲିପିର ଭାଷା କଳିଙ୍ଗପ୍ରାକୃତ । ଏହି କଳିଙ୍ଗ ପ୍ରାକୃତ ଖାରବେଳଙ୍କ ସମୟରେ ପାଲି ପ୍ରାକୃତ ତଥା ସୌରସେନୀ ପ୍ରାକୃତ ସହିତ ଦ୍ରାବିଡ ଭାଷା ତଥା ସଂସ୍କୃତ ଭାଷା ସଂସ୍ପର୍ଶରେ ଆଜି ଓଡ଼ିଆ ଭାଷା ନିଜସ୍ୱ ରୂପରେଖ ନେଇଥିବାର ପ୍ରମାଣ ଆମେ ଖାରବେଳଙ୍କ ଶିଳାଲିପିରୁ ପାଇଥାଉ । ତେଣୁ ପ୍ରଥମ ଓ ଦ୍ୱିତୀୟ ଖ୍ରୀଷ୍ଟାବ୍ଦରୁ ଓଡ଼ିଆ ଭାଷାର ଏକ ପୁଲକପ୍ରଦ ଅଭ୍ୟୁଦୟ ଘଟିଛି ।

## ଖାରବେଳଙ୍କ ହାତୀ ଶିଳାଲେଖର ପାଠ

ନମୋ ଅରହଂତାନଂ ନମୋ ସବସିଧାନଂ ଏରେନ ମହାରାଜେନ ମହାମେଘବାହନେନ ଚେତବଂଶ ବଧନେନ ପସଥଶୁଭ ଲେଖନେନ ଚତୁରଂତ ଗୁଣ ଉପତେନ କଳିଙ୍ଗାଧିପତିନା ସିରି ଖାରବେଳେନ ।

ପଂଦରସ ବସାନି ସିରି କଡାର ସରୀରବତା କୀଡିତାକୁ ମାର କିଡିକୋ ତତୋ ଲେଖ ରୂପଗଣନା ବବହାର ବିଧି ବିସାରଦେନ ସବ ବିଜାବଜାତେନ ନବବସାନି ଯୋବରଜଂ ବସାସିତଂ ସଂପୂର୍ଣ୍ଣ ଚତୁବିସତି ବସୋ ସୋଦାନି ବଧମାନସେସ ଯୋବନା ଭିଜୟୋ ତତିୟେ ।

କଳିଙ୍ଗ ରାଜବଂସେ ପୁରିସ ଯୁଗେ ମହାରାଜ ଭିସେଚନଂ ପାପୁନାତି ଅଭିସିତୋ ମତୋ ଚ ପଧମେ ବାତବିହତ ଗୋପୁର ପାକାର ନିବେସନଂ ପଟିସଂଖାରୟତି କଳିଂଗ ନଗର ଗଭୀର ସୀତଳତଡାଗ ପାଡିୟା ଚ ବଂଧାପୟତି ସୁବୟାନ ପଟି ସଂଠାପନଂ ।

ଚ କାରୟତି ପନତିସାହି ସତ ସହସେହି ପକତିୟୋ ଚ ରଂଜୟତି ଦୁତୀୟେ ଚ ବସେ ଅଚିତୟିତା ସାତକର୍ଣିଂ ପଚ୍ଛିମ ଦିସଂ ହୟଗଜନରରଧ ବହୁଳଂ ଦଂଡଂ ପଠାପୟତି କଳଂଗାଗତୟା ଚ ସେନାୟ ବିତାସେତି ଅସକ ନଗରଂ ତତିୟେ ପୁନ ବସେ । ଗଂଧବ ବେଦବୁଧୋଦଂପ ନତଗୀତବାଦିତ ସଂଦସନାହି ଉସବ ସମାଜ ଚ କାରାପନାହି ଚ କୀଡାପୟତି ନଗରୀଂ ତଥା ଚବୁଥେ ବସେ ବିଜାଧରାଧିବାସଂ ଅରହତ ପୁରଂ କଳିଂଗ ପୁବରାଜାନଂ ଧମେନ ବା ନିତିନା ବା ପସାସୟତି ସଦାତ ଧୂମକୁଟେନ ଭୀତିତସିତେ ଚ ଲିଖିତ ଛତଭିଂଗାରେ । ହତରଚନ ସାପତେୟେ ସବରଠିକ ଭୋଜକେ ପାଦେ ବଂଦାୟତି

x x x

ଗୁଣବିସେସ କୁଶଳ ସବପାସଂଡପୂଜକୋ ସବଦେବାୟତନ ସଂକାରକାରକୋ ଅପତିହିତ ଚକବାହନ ବଳୋଚକଧରୋ ଗୁଣଚକୋ ପବତଚକୋ ରାଜସିବଂସକୁଳ ବିନିସିତୋ ମହାବିଜୟୋରାଜା ଖାରବେଳ ସିରି ।

ଉକ୍ତ ଶିଳାଲିପିରେ କଳିଙ୍ଗୀ ପ୍ରାକୃତ, ସଂସ୍କୃତି ତଥା ଓଡିଆ ଶବ୍ଦର ଏକ ତୁଳନାତ୍ମକ ଚିତ୍ର ଏଠାରେ ଦିଆଯାଇପାରେ,

| କଳିଙ୍ଗୀ ପ୍ରକୃତ | ସଂସ୍କୃତ | ଓଡିଆ |
|---|---|---|
| ସବ | ସର୍ବ | ସବା/ସବୁ |
| ସିରି | ଶ୍ରୀ | ଶିରୀ/ଶ୍ରୀ |
| ଠାପନ | ସ୍ଥାପନ | ଥାପନ/ସ୍ଥାପନ |

| | | |
|---|---|---|
| ପଂଦରସ | ପଞ୍ଚଦଶ | ପନ୍ଦର |
| ପଚ୍ଛିମ | ପଶ୍ଚିମ | ପଚ୍ଛିମ/ପଶ୍ଚିମ |
| ରତନ | ରତ୍ନ | ରତନ/ରତ୍ନ |
| ବାଟା | ବର୍ତ୍ମନଃ | ବାଟିଆ |
| ଅଠ | ଅଷ୍ଟ | ଆଠ |
| ଘର | ଗୃହ | ଘର |
| ଦହ | ହ୍ରଦ | ଦହା/ହ୍ରଦ |
| ଚକ | ଚକ୍ର | ଚକ |
| ପୁତ | ପୁତ୍ର | ପୁତ |
| ବଂସ | ବଂଶ | ବଂଶ |
| ସିରି | ଶ୍ରୀ | ଶ୍ରୀ |
| କୋଠା | କୋଷ୍ଠ | କୋଠା |
| ନତଗୀତ | ନୃତ୍ୟଗୀତ | ନୃତ୍ୟଗୀତ |
| ଥମ୍ଭ | ସ୍ତମ୍ଭ | ଖମ୍ଭ |
| ଅଧ | ଅର୍ଦ୍ଧ | ଅଧା/ଅଧ |
| ତେରସ | ତ୍ରୟୋଦଶ | ତେର |
| ବାରସ | ଦ୍ୱାଦଶ | ବାର |
| ପଧମ | ପ୍ରଥମ | ପ୍ରଥମ |
| ପଧ | ପଥ | ପଥ |
| ରଧ | ରଥ | ରଥ |
| ହଥୀ | ହସ୍ତୀ | ହାତୀ |

ଏହି ଶିଳାଲେଖରେ 'ଶ' ଏବଂ 'ଷ' ସ୍ଥାନରେ 'ସ'ର ବ୍ୟବହାର ପତୂଳ ରହିଛି ।

'ୀ' କାର 'ୂ' କାର ଐ କାର ଔକାରର ବ୍ୟବହାର ନାହିଁ ।

ବିବିଧ 'ଳାର ବ୍ୟବହାର ଦେଖାଯାଏନାହିଁ ।

ଯେପରି ପଧମ (ପ୍ରଥମ), ସିରି (ଶ୍ରୀ), ନତ (ନୃତ୍ୟ)

**ଉରଜାମ ଶିଳାଲେଖ**

ଏ ଅଦ୍ୟାବଧି ଆବିଷ୍କୃତ ଓଡିଆ ଖୋଦିତ ଶିଳାଲେଖ ମଧ୍ୟରୁ ଉରଜାମ ଶିଳାଲେଖଟି ହେଉଛି ସର୍ବ ପ୍ରାଚୀନ । ୧୦୫୧ ଖ୍ରୀ.ରେ ଦ୍ୱିତୀୟ ବଜ୍ରହସ୍ତ ଦେବଙ୍କ ଆଦେଶ କ୍ରମେ ଉକ୍ତ ଶିଳାଲିପିଟି ଖୋଦିତ ହୋଇଥିଲା । ଏହି ଅଭିଲେଖଟି ଆନ୍ଧ୍ର ପ୍ରଦେଶର ସିକାକୋଲ ତାଲୁକର ଉରଜାମ ଗ୍ରାମର ଧବଳେଶ୍ୱର ମନ୍ଦିର ସମ୍ମୁଖସ୍ଥ ଗୋଟିଏ ପ୍ରସ୍ତର ଗାତ୍ରରେ ଖୋଦିତ ହୋଇଛି । ଏହାର ଲିପି ନାଗରୀ ଏବଂ ବିକୃତ ସଂସ୍କୃତ ଭାଷା ଏଥିରେ ଦେଖିବାକୁ ମିଳିଥାଏ । ଏତଦ୍‌ବ୍ୟତୀତ ଏଥିରେ ବ୍ୟବହୃତ ଶବ୍ଦ ହେଉଛି ଓଡ଼ିଆ ଏବଂ ତେଲଗୁ । ଏଥିରୁ ସ୍ପଷ୍ଟ ପ୍ରମାଣିତ ମିଳେ ଯେ ଓଡ଼ିଆ ଭାଷା ଏକାଦଶ ଶତାବ୍ଦୀବେଳକୁ ସଂପୂର୍ଣ୍ଣ ରୂପେ ଲୋକମୁଖରେ ବ୍ୟବହାର ଯୋଗ୍ୟ ହୋଇସାରିଥିଲା । କାରଣ ଏହା ପୂର୍ବରୁ ମାଧବ ବର୍ମାଙ୍କ ତାମ୍ରଶାସନ (୭ମ ଶତାବ୍ଦୀ), ଅନନ୍ତ ବର୍ମାଙ୍କର ଖୋର୍ଦ୍ଧା ତାମ୍ର ଶାସନ (୧୦ମ ଶତାବ୍ଦୀ) ରେ ବ୍ୟବହୃତ କୁମ୍ଭାର, ଭିତରୁ ଓ ପନ୍ଦର ପ୍ରଭୃତି ଶବ୍ଦର ପ୍ରୟୋଗ ଦେଖିବାକୁ ମିଳିଥାଏ ।

**ଶିଳାଲେଖର ପାଠ**

ସ୍ୱସ୍ତି ସମର ମୁ
ଖାନେ କରି ପୁଦର୍ପ
ମର୍ଦନ ଭୁଜବଳ ପରାକ୍ରମ
ଗଙ୍ଗାନ ବ୍ୟାବଲମ୍ବନ ସ୍ତମ୍ଭ
ଶ୍ରୀମଦ ଅନନ୍ତବର୍ମ୍ମ ଦେବ ବିଜ
ୟ ରାଜ୍ୟ ସମ୍ୱସ୍ସର ୧୫ତୁ
ଲା ମାସ ଶୁକ୍ଲ ପକ୍ଷଦିନ
ପଂମୀ ଶଣିବାରେଂ ୟୁରୁଜ ମେଲା
ଦୟ କରିଲା ପଟ ସ୍ଥିତି
ପଲାଖିସ ୟୁରୁଜମସ ଓକ୍କୁ ଭାଗ
ହୋଇନ୍ତ ମାଣିଚକୁ ବୋଝ୍ୟ ଥିଲାଇ
ୟୁରୁଜମେଲେଂ ଗଉପୋଲାଖି
ମେ ଲାଣ ଜ୍ୟ ଉବନ୍ତେ ନ ଲଭେ
ଉ ବନ୍ଥିଲେଂ କାଲେଂ ରାଖକେ
ଣ ସହସ୍ର ସୁବର୍ଣ୍ଣଦଣ୍ଡ ପଦୋ
ଜ୍ୟ ଧିଲା ଅନତି ସାବୁରାୟି
ଚଉ ସନ୍ନୁଖେଂ ସରସ୍ୱତୀ
ବଲ୍ଲଭ ସିଲା ଲେଖିତଂ
ଶକାବ୍ଦ ୯୭୩ ।

ଏହି ଅଭିଲେଖରେ ବ୍ୟବହୃତ ଓଡ଼ିଆ ଶବ୍ଦଗୁଡ଼ିକ ହେଉଛ, ମେଲାଣ, ମାଣିଚ (ମଣିଷ), ଗଉ (ଗାଁ), ସନ୍ନୁଖେ (ସମ୍ମୁଖେ)ଦୟ କରିଲା (ଦାନ କଲା), ଧିଲା (ଦେଲା), ତିନ୍ନି (ତିନି) ଓକକୁ (ଏକ), ଶଣିବାରେଂ (ଶନିବାରେ) ଥିଲାଇ, (ଥିଲା) । ଏଥିରେ

ବ୍ୟବହୃତ ତତ୍ ସମ ଶବ୍ଦ ଯାହା ଏବେ ଓଡ଼ିଆ ଭାଷାରେ ବ୍ୟବହାର କରାଯାଉଛି ସେଗୁଡ଼ିକ ହେଲା, ସମର, ଦର୍ପ, ଭୁଜବଳ, ପରାକ୍ରମ, ଶ୍ରୀମଦ, ରାଜ୍ୟ, ମାସ, ଶୁକ୍ଳପକ୍ଷ, ଦିନ, ପଂମୀ, ସହସ୍ର ସୁବର୍ଣ୍ଣ ଦଣ୍ଡ, ସରସ୍ୱତୀ, ବଲ୍ଲଭ, ଶକାବ୍ଦ । ଯୁରୁଜ ଅର୍ଥାତ୍ ବର୍ତ୍ତମାନର ଉରଜାମ ଗ୍ରାମକୁ ସୂଚିତ କରିଥାଏ । ଏହି ଶିଳାଲେଖରେ 'କ୍ଷ' (ପକ୍ଷଦିନ) ଓଡ଼ିଆ ଅକ୍ଷରର ବ୍ୟବହାର କରାଯାଇଛି ।

**ଭୁବନେଶ୍ୱର ଶିଳାଲିପି (ଦ୍ୱୈଭାଷିକ ଶିଳାଲେଖ)**

କଲିକତା ମ୍ୟୁଜିୟମରେ ସୁରକ୍ଷିତ ଉକ୍ତ ଶିଳାଲିପିଟି ଭୁବନେଶ୍ୱରର କେଦାରଗୌରୀ ନିକଟବର୍ତ୍ତୀ ଏକ ଜମିରୁ ପ୍ରାପ୍ତ ହୋଇଥିଲା । ଏହାର ଗୋଟିଏ ପାର୍ଶ୍ୱ ପ୍ରତ୍ନ ଓଡିଆ ଲିପି ଏବଂ ଅନ୍ୟ ପାର୍ଶ୍ୱରେ ତାମିଲ ଲିପିରେ ଖୋଦିତ ହୋଇଥିବାରୁ ଏହାକୁ ଦ୍ୱୈଭାଷିକ ଶିଳାଲେଖ କୁହାଯାଏ । ତ୍ରୟୋଦଶ ଶତାବ୍ଦୀରେ ଦ୍ୱିତୀୟ ନରସିଂହ ଦେବଙ୍କ ଦ୍ୱାରା ଏହି ଦ୍ୱୈଭାଷିକ ଶିଳାଲେଖଟିର ୧୨୪୯ଖ୍ରୀ. ରେ ଖୋଦିତ ହୋଇଛି ।

**ଶିଳାଲେଖର ପାଠ**

ସ୍ୱସ୍ତି ଶ୍ରୀବୀର ନରନାର ସୀଙ୍ଗଂସଂ ଦେବ
ଶ ପ୍ରବ୍ରଧମାନେ ବୀଯେ ରାଜେ ସ
ମ୍ବତ ୧୧ଶ୍ରାହି କାତ୍ରୀକ କ୍ରୀଷ୍ଣ ୭ ରବୀବା ।
ରେ ଶ୍ରୀ କୀର୍ତ୍ତିବାସ ଖେତ୍ରଂ ସୀଧେ
ସ୍ୱର ମଠର ବଡ ନରସୀଙ୍ଗଂ ଦେବ
ଙ୍କର ଆଶ କାମାର୍ଥ ପୂର୍ବକେ ।
ବାଘମରା ବାରବାଟୀ ଭୂମି ସମଂ
ଧେ ତପରାଜ ମାହାମୁନୀ ଦୁଗ୍ଗା
ଭଟ ଆଚ୍ୟାଙ୍କେ ବଧା କଲା ଏ
ମାଢ ଶତ ଦେସ୍ୱ ୧୫୦ ଉତ୍ରେସ୍ୱ
ର ନାଏକଙ୍କର ରହ ଘେତଲା
ଏ ମାଢ ଦଓଧାନ୍ୟ-ପୈଟୀ ନ୍ରୀଃ
ସେକ ତପରାଜ ମାହାମୁନୀ ଏ ଦୂ
ଇ ଧାନ୍ୟ ସୂନା ଦୁଗ୍ଗାଭଟେ ଉତ୍ରେସ୍ୱ
ର ନାଏକଙ୍କେ ଦେଇ ଅଙ୍କ କଲା ଏ କଉଡି ଏ
ଧାନ୍ୟ ସୁନା ମୂଳକଳନ୍ତର କରନ୍ତେ ମାଢ
ଶତେକଅସୀ ୮୦ ତପରାଜ ମୁନୀ ସୀ
ବ ପାତ୍ରେଂ ତପଚକ୍ରବତୀ ସ୍ଥାନାପତି ହୋ
ଇଲା ଏ ତପ ଚକ୍ରବତୀଙ୍କର ଦୁଗ୍ଗାଭଟ ଆ
ଚ୍ୟଙ୍କର ରାସୀ ଦଗ୍ଗାଭଟ ଆଚ୍ୟେ
ସୂଣୀ ଏକରାସୀ ବୋଲୀ ମେତ୍ରପକ୍ଷ ହୋ
ଇଲ୍ଲା ଏ ବାଘମରା ଭୂମୀ ବାରବାଟୀ ପଂ
ଳ ଭୋଗ୍ୟ ଅସୀ ଆସତକେ କୀଲ୍ଲକେ
ତପଚକ୍ରବତୀକୀ ଦାଥରଇ ଦୁଗ୍ଗାଭ
ଟ ଆଚ୍ୟେ ଫଣୀ ଧୀଲ୍ଲା ଏ ଶ୍ରୀବୀର
ନର ନାଗସିଙ୍ଗଂ ଦେବଙ୍କର ଆଉଶ କା
ମାଥେ ଏକାଦଶ ରଦ୍ର ଭୀକ୍ଷା କରାଇ
ବା ଏ ଭେକ୍ଷା ରେଡ ଦେସ ପାଣ୍ଡୀଦେସ କା
ଶ୍ରୀ ଦେସ ଏ ତୀନୀଦେସ ଜନ୍ମୀଲା ହୋ
ଇ ମଡାମଡେ ଦୀକ୍ଷା କରୀ ଆଚ୍ୟବନ୍ନ
ହୋଇଲ୍ଲା ତପସୀଙ୍କୀ ଭୀକ୍ଷା ଜେତେକାଳ
ଚନ୍ଦ୍ର ସୂର୍ଜ୍ୟ ବ୍ରତ ଏତେକ କାଳଙ୍କର ସ
ବ୍ରତୀବାକ ।୧୧୧ ।

**ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଶିଳାଲେଖ :**

ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରର ପ୍ରବେଶଦ୍ୱାର ଦକ୍ଷିଣ ପାର୍ଶ୍ୱରେ ଯେଉଁ ଶିଳାଲେଖଟି ଦେଖିବାକୁ ମିଳେ ତାହା କପିଳେନ୍ଦ୍ର ଦେବଙ୍କ ରାଜତ୍ୱକାଳର ୪ର୍ଥ ଅଙ୍କ ଅର୍ଥାତ୍ ୧୪୩୫-୩୬ ଖ୍ରୀଷ୍ଟାବ୍ଦର ବୋଲି ମନେହୁଏ । କପିଳେନ୍ଦ୍ର ଦେବଙ୍କ ଅଧୀନସ୍ଥ ସାମନ୍ତ ରାଜାମାନଙ୍କ ଉଦ୍ଦେଶ୍ୟରେ ଏହା ଅଭିପ୍ରେତ । ଏଥିରେ ତାଙ୍କ ଅଧୀନରେ ଥିବା ରାଜାମାନେ ସର୍ବଦା ପ୍ରଜାମାନଙ୍କ ମଙ୍ଗଳକାମନା କରିବେ ଏବଂ ସତ ଚରିତ୍ର ବହନ କରିବେ ସେ ସଂପର୍କରେ ଏହି ଶିଳାଲେଖରୁ ସୂଚନା ମିଳିଥାଏ, ନିମ୍ନରେ ତା'ର ପାଠ ଉଦ୍ଧାର କରାଗଲା ।

ଶ୍ରୀ ବିର କପିଳେସର ଦେବ ମହାରାଜାଙ୍କର ବିଜେରାଜ୍ୟେ ସମସ୍ତ ୪ (ଅଙ୍କ ସ୍ରାହୀ)

ମୀଥୁନ ସଂକ୍ରାନ୍ତି କ୍ରୀଷ୍ଟ ୯ ମଙ୍ଗଳବାରେ ତ୍ରିତିବାସ କଟକେ ଭିତରେ (ପୂଜା ଅବକାସେ)

ରାଏଗୁରୁ ବାସୁ ମହାପାତ୍ର ଭୁବନେସର ମହାପାତ୍ର ଏ ଦୁଇହେ ଆସି (ଲିହିଲେଏ)

ଦୁଇଙ୍କରି ଗୋଚରେ ଆଗାଂ ବୋଲିଣ ହୋଇଲେ ଆମ୍ଭର ଓଡିଶା ରା (ଜ୍ୟେ ଜେତେ ରା(ଜ୍ୟେ ଜେତେ ରାଜ)

ସୁଣ ସବୁହେଂ ରାଜାଙ୍କ ହୀତେ ବ୍ରତି ଏ ଆପଣାର ସଦାଚାରେ ଥିବେ (ଅସଦ୍ମାର୍ଗେ)

(ନ ରହିବେଂ ରାଜାଙ୍କ ଅଣହିତେ ବ୍ରତି) ଲେ ରାଜା ବାହାର କରି ତାହାର ସ (ର୍ବସ) ହରି ।

## ଜୟବିଜୟ ଶିଳାଲେଖ :

ଗଜପତି ପ୍ରତାପରୁଦ୍ର ଦେବଙ୍କ ୪ର୍ଥ ବର୍ଷ କକଡା ୧୦ଦିନରେ ଏହି ଶିଳାଲେଖଟି ଉତ୍‌କୀର୍ଣ୍ଣ ହୋଇଥିଲା । ଏହାର ସମୟ ଖ୍ରୀ. ୧୫୦୦ ଆଷାଢ ୧୦ଦିନ (ବୁଧବାର) ବୋଲି ଡ. କୁଞ୍ଜବିହାରୀ ତ୍ରିପାଠୀ ତାଙ୍କର Evolution of Oriya Language and Script ପୁସ୍ତକରେ ଉକ୍ତ ଶିଳାଲେଖର ପାଠୋଦ୍ଧାର ସହ ମତବ୍ୟକ୍ତ କରିଛନ୍ତି । ନିମ୍ନରେ ତାର ପାଠ ଦିଆଗଲା ।

## ପାଠ (ପ୍ରଥମ ଭାଗ)

ବୀରଶ୍ରୀ ଗଜପ୍ତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟ କଳବରଗେଶ୍ୱର (ବୀରବର ଶ୍ରୀ ପ୍ରତାପରୁଦ୍ରଦେବ)

ମହାରାଜାଙ୍କର ସମସ୍ତ ଚାରିଅଙ୍କ ଶ୍ରାହୀ କକଡା ମୁ ୧୦ ବୁଧବାରେ ଅବଧାରିତ (ଆଇଗାଁ ପ୍ରମାଣେ ବଡ)

ଠାକୁରଙ୍କ ଗୀତଗୋବିନ୍ଦ ଠାକୁରଙ୍କ ଭୋଗବେଳେ ଏ ନାଟ ହୋଇ (।) ସଂଝ ଧୂପ ସରିଲାଠାରୁ ।

ବଡସିଙ୍ଗାର ପରିଯଂନ୍ତେ ଏ ନାଟ ହୋଇବ (।) (ବଡ) ଠାକୁରଙ୍କ ସମ୍ପରଦା କପିଳେଶ୍ୱର ଠାକୁରଙ୍କ ଦିଲ ।

ନାଟଣୀମାନେ ପୁରୁଣା ସମ୍ପରଦା ତେଲଙ୍ଗା ସମ୍ପରଦା ଏମାନେ ସବିହେଂ ବଡ ଠାକୁରଙ୍କ ଗୀତଗୋ ।

ବିନ୍ଦହୁଂ (ଆନଗୀତ ନସିଖିବେ) ଆନଗୀତ ନଗାଇବେ (।) ଆନନାଟ ହୋଇ ପରମେଶ୍ୱରଙ୍କ ଛାମର ନୋ ।

(ହ) ବ (ଏ ନାଟ ବିତରକ ବୈଷ୍ଣବ ଗାଆଣ ଚାରିଜଣ ଅଛନ୍ତି ଏମାନେ) । ଗୀତଗୋବିନ୍ଦ ଗୀତ ହିଁ ସେ ଗାଇବେ ।

(ଏହାଙ୍କଠାରୁ ଅଶିକ୍ଷିତମାନେ ଏକଶ୍ୱରରେ ଶୃଣୀ ଗୀତଗୋବିନ୍ଦ ହୀ ସେ ଶିଖିବେ (ଆ) ନ ଗୀତ ନ ଶିଖିବେ ।

(ଏହା ଜେ ପରୀକ୍ଷା ଆନ ଗୀତ ନାଟ କରେଇଲେ ଜାନି ସେ ଜଗନ୍ନାଥଙ୍କ ଦ୍ରୋହ କରଇ) ।

## ସିଦ୍ଧେଶ୍ୱର ଶିଳାଲେଖର ପାଠ

ପ୍ରଥମ ଭାଗ

(ବୀର) ଶ୍ରୀ ନରସୀଘଂବ (ଦେବ) କବୀ (ଜେରା) ଜେ ସମନ୍ତୁ ୧୯(ସ) ର (ହି) କକଡ କୀଷ୍ଣ ୪ଚ(ନ୍ଦ୍ର) ବାରେ ।

ଚତୁର ଦୀଗେ (ଗ) ଦଣ୍ଡ ପରୀକ୍ଷ ଶ୍ର (ଶ୍ରୀ) ନ୍ତ (ଣ) ପଟ୍ଟନାଏକ ବିସ (ସ୍ୱ) ନାଥ ମାହା ସେନାପ୍ରୀକ୍ର (କ୍ଙ୍କ) ଦଣ୍ଡ ପରୀକ୍ଷା (ପୁରୁବ) ଜୀଇଦଣ୍ଡ ।

ପା(ଟ)ରୁ ନନ୍ଦିକେଶ୍ୱର ସନୀମୀଗ୍ରକ୍ର (କ୍ଙ୍କ) ବ (ବୋ) ହାରଣେ ଏ ଦଣ୍ଡପାଟର ପସ(ଇ) ତ ମୁଦୂଲି କୋଠକରଣ (ଭା) ଗ ଲୋକ ।

ସମସ୍ତ ବେହୋରଣ ଅନୁମତେ ରଆଙ୍ଗ ବୀ (ସେ)ଭଇଙ୍ଗାମ ଜିତ ପଂ୫୦ ସକ୍ର (ଭା) ଗ (କ) ଦାନ ।

(ଓ) ହୋରୁ ପାଉକୀ ପାଇକ । ଭେଟା ବୋଦା ପରୀଦର ସନା ଜାବତ ଅବଦାନ ନାସ୍ତିକର (ରି) ବୀରଶ୍ରୀ (ନ) ର ସୀଘଂଦେବ ।

## ଦ୍ୱିତୀୟ ଭାଗ

କ୍ଙ୍କ ଆସ (କାମାର୍ଥେ)

ତଣେ... ଟୀପ-

ସ(ସି) (ଧେ) ସର (ଜନ)ଙ୍କ (କ୍ଙ୍କୁ)... ଦତ (ପ)

ମାଢ ହୁ (୨)

ଦ୍ରୋହୋ (କ) ର ଈ - (ର) ଈ (।)

ଉକ୍ତ ଶିଳାଲେଖଟି ଚତୁର୍ଥ ନରସିଂହ ଦେବଙ୍କ ସମୟରେ (ଜୁଲାଇ ୨୭, ୧୩୯୪ ମସିହା) ଲିଖିତ । ଯାଜପୁର ନିକଟସ୍ଥ ସିଦ୍ଧେଶ୍ୱର ମନ୍ଦିର ନିକଟରେ ଥିବା ଏକ ବୃଷସ୍ତମ୍ଭରେ ଉକ୍ତ ଶିଳାଲିପିଟି ଖୋଦିତ ହୋଇଛି । ଅଭିଲେଖ ଗୁଡିକ କେବଳ ଲିପି ସଂକ୍ରାନ୍ତୀୟ ଐତିହାସିକ ତଥ୍ୟ ବହନ କରିନଥାନ୍ତି; ସମସାମୟିକ ଭାଷା ସଂପର୍କରେ ମଧ୍ୟ ସୂଚନା ଦେଇଥାନ୍ତି । ପ୍ରସ୍ତରଖଣ୍ଡ ଉପରେ ଭାଷା ବ୍ୟବହାର ଅତ୍ୟନ୍ତ ଦୁସ୍କର ବ୍ୟାପାର । ସେଥିପାଇଁ ସେ ସମୟରେ ତାଳପତ୍ର/ଭୁଜପତ୍ରରେ ଭାଷା ବ୍ୟବହାର ଥିବାର ମନେକରାଯାଇପାରେ । ଏକଥା ମଧ୍ୟ ସତ୍ୟ ଯେ ତାଳପତ୍ରରେ ବ୍ୟବହୃତ ଭାଷାର ଅବଧି ଏକ ଶହରୁ ଦୁଇଶହ ବର୍ଷ । ପ୍ରାକୃତିକ ବିପର୍ଯ୍ୟୟ, ଉଇ ତଥା କୀଟଦ୍ରଂଷ୍ଟ ଯୋଗୁଁ ଏହାର ସ୍ଥାୟିତ୍ୱ ସ୍ୱଳ୍ପକାଳ । ମାତ୍ର ପ୍ରସ୍ତର ଉପରେ ଖୋଦିତ ଭାଷା ସହସ୍ରବର୍ଷ ଧରି । ତେଣୁ ଶିଳାଲେଖକୁ ଆଧାରକରି ଭାଷା ଓ ଭୂଗୋଳର ଐତିହାସିକତା ନିରୂପଣ କରିବାରେ ସହଜସାଧ୍ୟ ହୋଇଥାଏ । ତେଣୁ ଇତିହାସ ସହିତ ଅଭିଲେଖର ପ୍ରତ୍ୟକ୍ଷ ସଂପର୍କ ରହିଛି ଓ ଇତିହାସ ସଂରଚନାରେ ଅଭିଲେଖ ଏକ ଅମୂଲ୍ୟ ସଂପର୍କ । ଭାଷା କ୍ଷେତ୍ରକୁ ଯିବା ସମୟରେ ଆମେ ଅନୁଭବ କରୁ ବିବିଧ ସମୟଖଣ୍ଡରେ ଭାଷାର ସ୍ୱରୂପ ବଦଳି ଯାଇଥାଏ । ସାଧାରଣତଃ ଆମେ ଗୋଟିଏ ଭାଷାର ମୂଳରୂପ ଅଥବା ୫୦୦-୬୦୦ ବର୍ଷର ପୂର୍ବର ଭାଷା ସହିତ ପରିଚିତ ହୋଇଥାଉ କିନ୍ତୁ ୧୦୦୦ ବା ତାଠାରୁ ପୂର୍ବସମୟର

ଭାଷା ସଂପର୍କରେ ଜାଣିବା ଅସମ୍ଭବ ହୋଇପଡେ । ମାତ୍ର ଶିଳାଲେଖରେ ପ୍ରତିକିତ ଭାଷା ଇତିହାସ ଅତଳଗହ୍ୱର ମଧ୍ୟରେ ଲୁଚି ରହିଥିବା ଭାଷାର ଅବିକଳ ରୂପଚିତ୍ର ଆମ ନିକଟରେ ଉପଲବ୍ଧ ହୋଇଥାଏ । ଯାହାକୁ ଆଶ୍ରାକରି ଗୋଟିଏ ଭାଷାର ଇତିହାସ ସଂପର୍କରେ ଆମେ ଜାଣିପାରୁ ।

ଭାଷାତତ୍ତ୍ୱ ଓ ସାହିତ୍ୟ ସଂରଚନା ଦୁଇଟି ସ୍ୱତନ୍ତ୍ର ଶୃଙ୍ଖଳା, ସାହିତ୍ୟ ଆଧାର କରି ଭାଷାତତ୍ତ୍ୱର ନିର୍ମାଣ । ଅପରପକ୍ଷରେ ଭାଷାତତ୍ତ୍ୱ ଭିତରେ ସାହିତ୍ୟର ରସ ଆସ୍ୱାଦନା ଅମୂଳକ । ଠିକ୍ ସେହିପରି ଶିଳାଲେଖର ପାଠକୁ ବିଚାର କଲେ ଏଥିରେ ସାହିତ୍ୟିକ ମୂଲ୍ୟ ସହିତ ଭାଷା, ଲିପି ଓ ଘଟଣା ସଂପର୍କରେ ଆମେ ଅଧିକ ତଥ୍ୟ ପାଇଥାଉ । ଅନ୍ୟ ଏକକରେ ଶିଳାଲେଖର ସାହିତ୍ୟିକ ମୂଲ୍ୟ ନିରୂପଣ କରାଯିବ ।

ଓଡ଼ିଆ ଭାଷା ସାହିତ୍ୟର ଅଧ୍ୟୟନ ନିମନ୍ତେ ଶିଳାଲେଖର ଭୂମିକା ଅନସ୍ୱୀକାର୍ଯ୍ୟ । ଭାନୁଦେବଙ୍କ ସୋନପୁର ଶିଳାଲେଖ । କୋଣାର୍କ ଅଭିଲେଖ, ସିଦ୍ଧେଶ୍ୱର ଶିଳାଲେଖ, ଜୟବିଜୟ ଶିଳାଲେଖ । ଉରଜାମ ଶିଳାଲେଖ, ଭୁବନେଶ୍ୱର ଦ୍ୱିଭାଷିକ ଶିଳାଲେଖ, ଲିଙ୍ଗରାଜ ମନ୍ଦିର ଶିଳାଲେଖ ପ୍ରଭୃତି ଶିଳାଲେଖର ଅଧ୍ୟୟନ ଯଥାର୍ଥରେ ଓଡ଼ିଆ ଭାଷା-ସାହିତ୍ୟର ପ୍ରତ୍ନ ରୂପ ଅନ୍ୱେଷଣରେ ସହାୟକ ହୋଇଥାଏ । ଏହି ଅବସରରେ ଆମେ ଉପରୋକ୍ତ ଶିଳାଲେଖକୁ ଆଧାର କରି ଏଗୁଡ଼ିକର ଭାଷା ତାତ୍ତ୍ୱିକ ଓ ସାହିତ୍ୟିକ ମୂଲ୍ୟ ନିରୂପଣ କରିପାରିବା ଭାଷାତାତ୍ତ୍ୱିକ ଅଧ୍ୟୟନ ।

**ଭାଷା ତାତ୍ତ୍ୱିକ ଅଧ୍ୟୟନ**

ଅଶୋକ ଏବଂ ଖାରବେଳଙ୍କ ଶିଳାଲିପି ବ୍ୟତୀତ ଅବର୍ତ୍ତମାନ କାଳରେ ପ୍ରାୟତଃ ୮୦ଟି ଶିଳାଲେଖ ସଂଗୃହୀତ ଓ ପଠିତ ହୋଇ ପୁସ୍ତକାକାରରେ ପ୍ରକାଶିତ । ତନ୍ମଧ୍ୟରୁ ୧୮ଟି ଶିଳାଲେଖ ହେଉଛି ଗଙ୍ଗବଂଶ ରାଜତ୍ୱ ସମୟର । ଏକାଦଶ ଶତାବ୍ଦୀରୁ ଖ୍ରୀ. ୧୪୩୫ ପର୍ଯ୍ୟନ୍ତ ପ୍ରାୟତଃ ୩୫୦ବର୍ଷ ଗଙ୍ଗମାନେ ରାଜତ୍ୱ କରିଥିବାର ପ୍ରମାଣ ଏହି ଶିଳାଲେଖରୁ ପ୍ରମାଣ ସ୍ୱରୂପ ଆମେ ପାଇଥାଉ । ଏହି ଶିଳାଲେଖଗୁଡ଼ିକ ମୁଖ୍ୟତଃ ଓଡ଼ିଶାର ପୂର୍ବ, ପଶ୍ଚିମ ତଥା ଆନ୍ଧ୍ରପ୍ରଦେଶର ଶିକାକୁଲମ, ବିଶାଖାପାଟଣା ଜିଲ୍ଲାମାନଙ୍କରେ ରହିଛି । ଓଡ଼ିଶାରେ ସୂର୍ଯ୍ୟବଂଶର ରାଜତ୍ୱ କାଳରେ ମିଳିଥିବା ଶିଳାଲେଖଗୁଡ଼ିକ ଖ୍ରୀ. ୧୪୩୫ ରୁ ଖ୍ରୀ. ୧୫୪୦ ମଧ୍ୟରେ ଖୋଦିତ ହୋଇଛି । ଓଡ଼ିଶାର ସମସ୍ତ ଉପକୂଳ ଜିଲ୍ଲା, କୃଷ୍ଣା, ଗୁଣ୍ଟୁର ଜିଲ୍ଲା, ବିଶାଖାପାଟଣା ସ୍ଥାନମାନଙ୍କର ୫୦ଟି ଶିଳାଲେଖ ରହିଛି । ପ୍ରତାପରୁଦ୍ର ଦେବ ଏବଂ ତାଙ୍କ ପୁତ୍ର ବୀରଭଦ୍ରଙ୍କର ଦୁଇଗୋଟି ଓଡିଆ ତେଲଗୁ ମିଶ୍ରିତ (ଦ୍ୱିଭାଷିକ) ଲିଖିତ ତାମ୍ରପତ୍ର ଶାସନ ନେଲ୍ଲୋର ଜିଲ୍ଲାରୁ ମିଳିଛି । ତାମ୍ରଶାସନ ହେଉ ଅଥବା ଶିଳାଲେଖ ହେଉ, ଏଥିରେ ସମକାଳୀନ ରାଜାମାନଙ୍କ ଶାସନ ନୀତି, ଧର୍ମନୀତି ଓ ସାମାଜିକ ନୀତିର ପ୍ରତିଫଳିତ ହୋଇଥାଏ । ଯାହାକୁ କେନ୍ଦ୍ରକରି ଐତିହାସିକଗଣ ଇତିହାସ ସଂରଚନା କରିଥାନ୍ତି । ଜଗନ୍ନାଥ ମନ୍ଦିର ବେଢ଼ାରେ ଥିବା ଶିଳାଲେଖରୁ ଚୋଡଗଙ୍ଗ ଦେବ ୧୧୩୫ଖ୍ରୀଷ୍ଟାବ୍ଦରେ ଜଗନ୍ନାଥ ମନ୍ଦିର ନିର୍ମାଣର କଥା ଲିପିବଦ୍ଧ । ସେହିପରି ଗଙ୍ଗବଂଶୀୟ ରାଜାମାନଙ୍କ ଦ୍ୱାରା ସ୍ୱର୍ଣ୍ଣ ମୁଦ୍ରା ପ୍ରଚଳନ ସମ୍ବାଦ ଏଥିରୁ ଜାଣିବାକୁ ପାଉ । ଦ୍ୱିଭାଷିକ ଶିଳାଲେଖରୁ ଏକଥା ମଧ୍ୟ ସ୍ପଷ୍ଟ ହୁଏ ଯେ ଓଡିଶା ଓ ଆନ୍ଧ୍ର ରାଜ୍ୟମଧ୍ୟରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂପର୍କ ସ୍ଥାପିତ ହୋଇପାରିଥିଲା । ସେହିପରି ଦ୍ୱିତୀୟ ଭାନୁଦେବ ୩ ନରସିଂହଦେବ, ୩ୟ ଭାନୁଦେବ ଏବଂ ଚତୁର୍ଥ ନରସିଂହ ଦେବଙ୍କ ସମୟରେ ଖୋଦିତ ଅଭିଲେଖମାନଙ୍କରୁ ପୁରୀ ଜଗନ୍ନାଥଙ୍କ ନିମିତ୍ତ ବିବିଧ କାର୍ଯ୍ୟପାଇଁ ବୃତ୍ତିର ବ୍ୟବସ୍ଥା ସଂପର୍କରେ ବର୍ଣ୍ଣନା ରହିଛି । ସେହିପରି ସମ୍ବଲପୁରର ନରସିଂହ ନାଥ ମନ୍ଦିରସ୍ଥ ଶିଳାଲେଖରେ ବୈକଲଦେବଙ୍କ ଦ୍ୱାରା ଏହି ମନ୍ଦିର ନିର୍ମାଣ କଥା ଉଲ୍ଲେଖ ରହିଛି । ସେହି ଦୃଷ୍ଟିରୁ ଅଭିଲେଖରେ ବିବରଣାତ୍ମ ଗୁଣ ତଥା ଦୀର୍ଘ ସ୍ଥାୟିତ୍ୱ ହେତୁ ଏଗୁଡ଼ିକର ଐତିହାସିକ ମୂଲ୍ୟ ରହିଛି ।

ଅଭିଲେଖର ଐତିହାସିକ ଭିତ୍ତି ଉପରେ ଓଡ଼ିଆ ଭାଷାର ଇତିହାସ ପ୍ରତିଷ୍ଠିତ । କେହି କେହି ମତ ଦିଅନ୍ତି ଅଭିଲେଖାକାର ଅଳ୍ପଶିକ୍ଷିତ ଥିବାରୁ ଶବ୍ଦର ପ୍ରୟୋଗ ଓ ବନାନରେ ଅଶୁଦ୍ଧ ଦେଖାଦେଇଛି । ଏପରି ହେବା ଅସ୍ୱାଭାବିକ ନୁହେଁ । କିନ୍ତୁ ଓଡ଼ିଆ ଶବ୍ଦର ପ୍ରଚଳନରୁ ଜଣାଯାଏ ଯେ ଲିଖିତ ରୂପ ନେବାର ବହୁ ପୂର୍ବରୁ କଥିତ ରୂପ ନେଇସାରିଥିଲା । ଭାଷାର କଥିତରୂପର କ୍ରମବିବର୍ତ୍ତନ ଓ ଲିଖିତ ରୂପର କ୍ରମ ବିବର୍ତ୍ତନକୁ ଲକ୍ଷ୍ୟ କଲେ ଓଡ଼ିଆ ଭାଷା ଦୀର୍ଘ ୨୦୦୦ବର୍ଷ ପୂର୍ବରୁ ଯେ ନିଜର ସ୍ୱାତନ୍ତ୍ର୍ୟରକ୍ଷା କରିଛି ତାହା ଅନସ୍ୱୀକାର୍ଯ୍ୟ । ସେହି ଦୃଷ୍ଟିରୁ ବିଚାର କଲେ ଅଭିଲେଖରେ ବ୍ୟବହୃତ ଭାଷା ଲୋକବୋଧ୍ୟ ଓ ସାଧାରଣ ଜନଗଣଙ୍କ ପ୍ରତି ଅଭିପ୍ରେତ ଥିଲା ।

ଉପରୋକ୍ତ ଶିଳାଲେଖରେ ବ୍ୟବହୃତ ଓଡ଼ିଆ ଶବ୍ଦ ଭଣ୍ଡାର ସଂପର୍କରେ ଆଲୋଚନା କରାଯାଇପାରେ । ଅଶୋକ, ଖାରବେଳ ଏବଂ ଉରଜାମ ଶିଳାଲେଖ ଆଲୋଚନା ପ୍ରେକ୍ଷାପଟ୍ଟରେ ଏଥିରେ ବ୍ୟବହୃତ ଓଡ଼ିଆ ଶବ୍ଦ ସଂପର୍କରେ ପୂର୍ବରୁ ସୂଚନା ଦିଆଯାଇଛି ।

ଭୁବନେଶ୍ୱର ଶିଳାଲେଖ (ଦ୍ୱିଭାଷିକ) ଲିଙ୍ଗରାଜ ମନ୍ଦିର ଶିଳାଲେଖ, ଜୟବିଜୟ ଶିଳାଲେଖ ବ୍ୟବହୃତ ଓଡ଼ିଆ ଶବ୍ଦର କେତୋଟି ନମୂନା ଏଠାରେ ଦିଆଯାଇପାରେ-

| ଶିଳାଲେଖର ବନାନ | ପ୍ରଚଳିତ ବନାନ |
|---|---|
| ନାରସୀଘଂ | ନରସିଂହ |
| ଶ୍ରାହି | ଶରଦି |
| ବୀଯେ | ବିଜେ/ବିଜୟେ |
| କାତ୍ରୀକ | କାର୍ତ୍ତିକ |
| କ୍ରୀଷ୍ଣ | କୃଷ୍ଣ |
| ରବୀବାର | ରବିବାର |
| ଭୂମୀ | ଭୂମି |
| ତୀନୀ | ତିନି |
| ଧାନ | ଧାନ |
| ସୂନା | ସୁନା |
| କରନ୍ତେ | କରନ୍ତେ /କରି |
| ଆଇଗାଂ | ଆଜ୍ଞା |
| ଅସୀ | ଅଶି |
| ହୋଇଲ୍ଲା | ହୋଇଲା/ହେଲା |
| ଧିଲା | ଦେଲା |
| ଚକ୍ରବତୀ | ଚକ୍ରବର୍ତ୍ତୀ |
| ଆଉଷ | ଆୟୁଷ |
| ସୀଧେଶ୍ୱର | ସୀଦ୍ଧେଶ୍ୱର |
| ମାହାମୁନୀ | ମହାମୁନୀ |
| ଘେତଲ୍ଲା | ଘେନିଲା |
| ସୁଣୀ | ଶୁଣି |
| ଦୁଈ | ଦୁଇ |
| ଜେତେ | ଯେତେ |
| ସୁଜ୍ୟ | ସୂର୍ଯ୍ୟ |
| ହୋଇଲ୍ଲା | ହୋଇଲା |
| ଉତ୍ର | ଉତ୍ତର |
| ସୀଧେଶ୍ୱର | ସିଦ୍ଧେଶ୍ୱର |
| ଦୁଗାଭଟ୍ଟ | ଦୁର୍ଗାଭଟ୍ଟ |
| ସଂପରଦା | ସଂପ୍ରଦାୟ |
| ନାଚଣୀ | ନାଚୁଣୀ |
| ଖେତ୍ର | କ୍ଷେତ୍ର |
| ହାଥ | ହାତ |
| ଭେକ୍ଷା | ଭିକ୍ଷା |
| ଆଚବନ୍ନ | ଆଚବନ |
| ମୈଧ | ମଧ୍ଯ |
| ଆସୀବାଦ | ଆଶୀର୍ବାଦ |
| ଗୋବଧନ | ଗୋବର୍ଦ୍ଧନ |
| ଶିସ | ଶିଷ୍ୟ |

ପଥର ଉପରେ ଖୋଦନ ସମୟରେ ଖୋଦନକାରୀ ଶବ୍ଦର ବନାନ ଲେଖିବାବେଳେ ନିଜ ସୁବିଧା ଅନୁସାରେ ଖୋଦିତ କରିଥିବେ । ତେଣୁ ଅନେକ ସମୟରେ ଶବ୍ଦର ସଂକ୍ଷିପ୍ତୀକରଣ ଓ ସୁବିଧା ଦୃଷ୍ଟିରୁ ଶବ୍ଦ ବନାନ ଏପରି ହୋଇଛି ବୋଲି ମନେ କରାଯାଏ ।

ଇ ( ି ) ସ୍ଥାନରେ ଈ (ୀ), ଉ ( ୁ ) ସ୍ଥାନରେ ଦୀର୍ଘ ଊ ( ୂ ) ର ବ୍ୟବହାର ଦେଖିବାକୁ ମିଳିଥାଏ । ସୁନା-ସୂନା, ଦୁଇ-ଦୁଈ, ଶୁଣି-ସୁଣୀ ସ,ଶ,ଷ ମଧ୍ୟରେ ଉଚ୍ଚାରଣଗତ ସ୍ୱାତନ୍ତ୍ର୍ୟ ଓଡ଼ିଆରେ ପ୍ରାୟତଃ ନାହିଁ । ତେଣୁ ଶ ଏବଂ ଷ ସ୍ଥାନରେ 'ସ'ର ବ୍ୟବହାର ବହୁଳ ବ୍ୟବହାର ପରିଲକ୍ଷିତ ଯେପରି ସୀଧେଶ୍ୱର-ସିଦ୍ଧେଶ୍ୱର, ଦଶ-ଦସ,ସୁଣୀ-ଶୁଣି,ଦେସ-ଦେଶ,ରାସୀ-ରାଶି ସେହିପରି ବର୍ଗ୍ୟ 'ଜ' ଓ ଅବର୍ଗ୍ୟ 'ଯ' ଭିତରେ ଉଚ୍ଚାରଣ ଗତ ପାର୍ଥକ୍ୟ ନଥିବାରୁ 'ଜ' ର ପ୍ରଚଳନ ବହୁତ ହୋଇଛି । ଯେପରି ସୂର୍ଯ୍ୟ-ସୁଜ୍ୟ, ଯେତେ - ଜେତେ । କେତେକ ଶିଳାଲେଖରେ ଚନ୍ଦ୍ରବିନ୍ଦୁର ବଦଳରେ ଅନୁସାର( ଂ ) ବ୍ୟବହୃତ ହୋଇଛି-ପରିଯଂତେ, ବିନ୍ଦହୁଂ, ସବିହେଂ, ଭୂଇଂ, ଦେଲୁଂ, ଆଗ୍ୟାଂ ।

ତେବେ ଅନେକ ଶବ୍ଦରେ ଅନୁସାର ଠିକ୍ ଭାବେ ବ୍ୟବହୃତ ହୋଇନଥିବାର ଦେଖାଯାଏ, ଯେପରି ବାଧିଂବା, (ବାନ୍ଧିବା/ବାଂଧିବା), ଖଜାଂ(ଖଂଜା), ଭଜଂ (ଭଂଜ) ତେବେ ସଂପ୍ରତି ଅନୁନାସିକା ଯୁକ୍ତାକ୍ଷରକୁ ସରଳୀକୃତ କରିବା ଉଦ୍ଦେଶ୍ୟରେ ଅନୁସ୍ୱାରର ବ୍ୟବହାର କରାଯାଇଛି । ଅଭିଲେଖରେ ବ୍ୟବହୃତ ବିଭକ୍ତି ଚିହ୍ନ ବର୍ତ୍ତମାନ ପରି ନଥିଲା ଯଥା-ଆଚାଯଙ୍କେ (ଆଚାର୍ଯ୍ୟଙ୍କୁ), ନାୟକଙ୍କ ତହ (ନାୟକଙ୍କ ଠାରୁ), ହାଥରଇ (ହାତରେ), ଏକ ବଚନରେ 'ଏ' ର ବ୍ୟବହାର ଦେଖିବାକୁ ମିଳିଥାଏ । ଆଚାଯେ, ଦୁଗ୍‌ଗାଭଟ୍ଟେ, ସେହିପରି ବହୁ ବଚନରେ ଏ, ମାନେ, ମାନ, ଯାକ ପ୍ରଭୃତି ବ୍ୟବହାର ହୋଇଛି । କର୍ମ କାରକରେ କୁ, ନ୍ତି ସଂପ୍ରଦାନ କାରକରେ କୁ, କି, କଇ, କୈ, କୁ,

ଙ୍କ, ଙ୍କଇ, ଙ୍କେ, କରଣ କାରକରେ ଏଁ, ଏଂ, ରେ, ଅପାଦାନ କାରକରେ ତହୁଁ, ହୁଁ, ଉ, ଉଁ, ଠୋ, ରୁ, ରୁଂ, ଠାରୁ ଏବଂ ଅଧିକରଣ କାରକରେ ଏ, ଏଂ, ରେ, ଇ, ରଇ, ଠି, ମାନଙ୍କରେ ବ୍ୟବହାର ହୋଇଥିବାର ଲକ୍ଷ୍ୟ କରାଯାଏ । ସମ୍ବୋଧନ ଭାବେ 'ଭୋ'ର ବ୍ୟବହାର ହୋଇଛି ।

ଭାଷାର ଐତିହାସିକ ତଥ୍ୟ ବହୁବିଧ ସ୍ତରୀୟ ତୁଳନାତ୍ମକ ଅଧ୍ୟୟନ ପାଇଁ ସରଣୀ ପ୍ରସ୍ତୁତ କରିଛି । ସମୟାନୁସାରେ ଭାଷାର ବିବର୍ତ୍ତନର ଇତିହାସ ଏହି ଶିଳାଲେଖର ଅଧ୍ୟୟନରୁ ଜଣାପଡ଼େ । ଶ୍ରୀ ସତ୍ୟନାରାୟଣ ରାଜଗୁରୁ, ଦୀନେଶ ଚନ୍ଦ୍ର ସରକାର, କୁଞ୍ଜବିହାରୀ ତ୍ରିପାଠୀ ପ୍ରଭୃତି ଓଡ଼ିଆ ଶିଳାଲେଖ ଗୁଡ଼ିକୁ ଅଧ୍ୟୟନ କରି ମତପୋଷଣ କରିଛନ୍ତି ଯେ ଚତୁର୍ଦ୍ଦଶ ଶତାବ୍ଦୀବେଳକୁ ଉଭୟ କଥିତ ଓ ସାହିତ୍ୟ ରୂପ ଓଡିଆ ଭାଷାରେ ଦେଖିବାକୁ ମିଳିଛି । ପ୍ରାକୃତ ତଥା ଅପଭ୍ରଂଶରେ ଖୋଳପା ମଧ୍ୟରୁ ନିଜକୁ ସ୍ୱତନ୍ତ୍ର କରି ଓଡିଆ ଭାଷା ନିଜର ସୌରଭରେ ଭାସ୍ୱର ହୋଇଉଠିଛି । ପୂର୍ବରୁ ସୂଚିତ ହୋଇଛି ଯେ ଗୋଟିଏ ଭାଷା ସମୃଦ୍ଧ ହେବା ମୂଳରେ ରହିଥାଏ ତାର ଗଦ୍ୟର ବିକାଶ । ତେଣୁ ଓଡିଆ ଭାଷାର ଗଦ୍ୟରୂପ, ଯାହା ଅଭିଲେଖମାନଙ୍କରେ ଦେଖିବାକୁ ମିଳେ, ସେଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ଦୀର୍ଘ ଦୁଇ ହଜାର ବର୍ଷରୁ ଓଡିଆ ଭାଷା ନିଜର ସ୍ୱତନ୍ତ୍ର ପରିଚୟ ପ୍ରତିପାଦିତ କରିଛି ।

ଅଭିଲେଖର ଭାଷା ହେଉଛି ରାଜାଦେଶର ଭାଷା । ସମସ୍ତ ତ୍ରୁଟି ବିଚ୍ୟୁତି ସତ୍ତ୍ୱେ ଏହି ଭାଷା ପରବର୍ତ୍ତୀ ଓଡ଼ିଆ ଗଦ୍ୟ ଶୈଳୀର ମାର୍ଜିତ ରୂପ ପାଇଁ ଏକ ଅନୁପ୍ରେରକ ଶକ୍ତିଭାବେ ଆମକୁ ଦେଖିବାକୁ ପଡିବ । ଏକଥା ମଧ୍ୟ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଅଭିଲେଖରେ ବ୍ୟବହୃତ ଭାଷା କଥିତ ଭାଷାଠାରୁ ସଂପୂର୍ଣ୍ଣ ପୃଥକ । ଅର୍ଥାତ୍ ଓଡିଆ ଭାଷା ଅଭିଲେଖ ସ୍ତରକୁ ଆସିବାର ବହୁପୂର୍ବରୁ ଏକ ମାର୍ଜିତ କଥିତ ଭାଷା ରୂପେ ଲୋକମୁଖରେ ପ୍ରଚଳିତ ହୋଇସାରିଥିଲା । ସଂପ୍ରତି କବଲା, ଖତିଆନା କିମ୍ବା ଆଫିସିକ ଗଦ୍ୟ ଲେଖିବା ସମୟରେ ଯେଉଁସବୁ ଶବ୍ଦ ପ୍ରୟୋଗ ହେଉଛି ତାହା ସୂଚାଇଥାଏ ଯେ, ଯେକୌଣସି ରାଜ ଭାଷିକ ଗଦ୍ୟ ପ୍ରଚଳିତ ଗଦ୍ୟଠାରୁ ପୃଥକ ହୋଇଥାଏ ଲେଖନୀ ଶୈଳୀରେ । ତେଣୁ ଦୀର୍ଘ ଦୁଇ ହଜାର ବର୍ଷରୁ ଅଧିକ ବର୍ଷ ପୂର୍ବରୁ ପ୍ରଚଳିତ ରାଜାଦେଶ ଯେତେବେଳେ ଲେଖନକାରଙ୍କ ନିହାଣ ମୂନରେ ଖୋଦିତ ହୋଇଥିଲା ସେତେବେଳେ ତାର ଭାଷା ମାଧୁର୍ଯ୍ୟମୟ/ସାବଲିଳ ଅପେକ୍ଷା ବିବରଣୀ ସୂଚକ ତଥା ପୀନବଦ୍ଧ ହେବାପାଇଁ ବାଧ୍ୟ ।

୧.୨ ବର୍ତ୍ତମାନର ରାଜନୈତିକ ସୀମା ଭିତରେ ଥିବା ଓଡ଼ିଶାର ମାନଚିତ୍ର ଷୋଡ଼ଶ ଶତାବ୍ଦୀ ପୂର୍ବରୁ ନଥିଲା । ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଏକ ବିଶାଳ ଭୂଖଣ୍ଡ; ଯାହାର ଅତୀତର ନାମଥିଲା, ଉଡ୍ର, ଔଡ୍ର, ଉଡଡୀୟାନ, ଉତ୍କଳ, କଳିଙ୍ଗ । ଏହି ବିଶାଳ ସାମ୍ରାଜ୍ୟକୁ ସୋମ, ଗଙ୍ଗ, ଗଜପତି ରାଜାମାନେ ଶାସନ କରି ନିଜର ଅକ୍ଷୟ କୀର୍ତ୍ତି ସ୍ଥାପନ କରିଥିଲେ । ଏମାନଙ୍କ ଶାସନ କାଳରେ ଓଡ଼ିଆ ଭାଷା, ସଂସ୍କୃତିର ପ୍ରଭୃତ ଉନ୍ନତି ସାଧିତ ହୋଇଥିଲା । ବ୍ରାତ୍ୟ ଦେଶ ଭାବେ ପରିଗଣିତ ଏହି ବିଶାଳ ସାମ୍ରାଜ୍ୟ କଳା, ସ୍ଥାପତ୍ୟ ତଥା ସାହିତ୍ୟ ସର୍ଜନା ନିମନ୍ତେ ଗୋଟିଏ ଉର୍ବର ଭୂମି ଭାବେ ପରିଚିତି ସୃଷ୍ଟି କରିଥିଲା । ବୌଦ୍ଧ, ଜୈନ, ଶୈବ, ଶାକ୍ତ, ବ୍ରାହ୍ମଣ୍ୟ, ବୈଷ୍ଣବ ପ୍ରଭୃତି ଧର୍ମଧାରାକୁ ପାଥେୟ କରି ଏହି ବିଶାଳ ଭୂଖଣ୍ଡ ଧର୍ମ ଦର୍ଶନ କ୍ଷେତ୍ରରେ ନିଜର ସ୍ୱାତନ୍ତ୍ର୍ୟ ପ୍ରଦର୍ଶିତ କରିଛି । ପ୍ରାଚୀନ ଉତ୍କଳର ଏହି ଉତ୍କର୍ଷ ପୂର୍ଣ୍ଣ ଜୀବନଯାତ୍ରାର ଇତିହାସ ଓଡ଼ିଆ ଜାତିର ଇତିହାସ ରୂପେ ପରିଗଣିତ । ଦୀର୍ଘ ଦୁଇହଜାର ବର୍ଷର ଇତିହାସକୁ ଆଲୋଚନା କଲାବେଳେ ଆମପାଖରେ ଯେଉଁ ଉପାଦାନଗୁଡ଼ିକ ରହିଛି ତନ୍ମଧ୍ୟରୁ ଶିଳାଲେଖ ଅନ୍ୟତମ । ଅତୀତ ଉତ୍କଳର ସ୍ମାରକୀ ସଦୃଶ ଏହି ଶିଳାଲେଖରେ ଲିପିବଦ୍ଧ ହୋଇରହିଛି ଶତାବ୍ଦୀ ଶତାବ୍ଦୀ ଧରି ରାଜା ମହାରାଜାମାନଙ୍କ ବିବରଣୀ, ଧର୍ମ ଧାରଣା ଠାରୁ ମନ୍ଦିର ନିର୍ମାଣ, ବ୍ୟବସାୟ, ମୁଦ୍ରାପ୍ରଚଳନ, ସାମ୍ରାଜ୍ୟର ଭୌଗୋଳିକ ଚିତ୍ର ସହିତ ବିବିଧ ସାଂସ୍କୃତିକ ଅବଧାରଣା ଏହି ଶିଳାଲେଖରେ ଉତ୍କୀର୍ଣ୍ଣ ଭାଷା ମାଧ୍ୟମରୁ ଜଣାପଡ଼େ । ଇତିହାସର ଜରାଜୀର୍ଣ୍ଣ ପୃଷ୍ଠାକୁ ସତେଜ ଓ ସୁନ୍ଦରକରି ଗଢ଼ିତୋଳିଛି ପଥରଗାତ୍ରରେ ଲିପିବଦ୍ଧ ଏହି ଶିଳାଲେଖ ସମୂହ । ଇତିହାସ ଯେଉଁ ସବୁ ଉପାଦାନକୁ ନେଇ ଗଢ଼ିଉଠିଥାଏ ସେହିସବୁ ଉପାଦାନର ସ୍ଥୂଳ ରୂପ ଶିଳାଲେଖରେ ଥିବାରୁ ଏହାର ଅଧ୍ୟୟନ ମନନ, ଚିନ୍ତନ ଏକାନ୍ତ ଆବଶ୍ୟକ ।

୧.୩ ଇତିହାସ ସଂରଚନା, କାଳ ମଧ୍ୟରେ ଘଟୁଥିବା ଘଟଣାର କାରଣମାନଙ୍କୁ ଗ୍ରଥିତ କରିବାର ଏକ ପ୍ରକ୍ରିୟା । ଏହି କାର୍ଯ୍ୟ ଓ କାରଣର ବିବରଣ ନିର୍ଦ୍ଧାରଣରେ ଆମେ ଯେଉଁ ସୂତ୍ରଗୁଡିକ ତଥା ଉପାଦାନ ଅବଲମ୍ବନ କରିଥାଉ ସେଥିମଧ୍ୟରୁ ଅଭିଲେଖ ଉଲ୍ଲେଖନୀୟ । ଓଡ଼ିଶାରେ ଏପର୍ଯ୍ୟନ୍ତ ଆବିଷ୍କୃତ ଅଭିଲେଖ ମଧ୍ୟରେ ଉତ୍କଳର ସାମାଜିକ, ସଂସ୍କୃତିକ ତଥା ଐତିହାସିକ ଘଟଣାବଳୀର ରୂପଚିତ୍ର ଦେଖିବାକୁ ମିଳିଥାଏ । ସେଗୁଡ଼ିକର ବିବରଣୀ ନିମ୍ନରେ ପ୍ରଦତ୍ତ । କେଉଁ ସ୍ଥାନରେ କେତୋଟି ଶିଳାଲେଖ ରହିଛି, ଏହି ବିବରଣୀରୁ ଆମେ ଜାଣିପାରିବା । ଏହି ଶିଳାଲେଖଗୁଡ଼ିକ ପ୍ରାୟତଃ ମନ୍ଦିର ସଂଲଗ୍ନ ପ୍ରସ୍ତରଖଣ୍ଡରେ ଖୋଦିତ । ବିଭିନ୍ନ ସମୟରେ ଓଡ଼ିଶାର ଗଜପତିମାନଙ୍କ ଦ୍ୱାରା ଏହି ଶିଳାଲେଖଗୁଡ଼ିକ ଖୋଦିତ ହୋଇଛି ।

| ମନ୍ଦିର | ସ୍ଥାନ | ଜିଲ୍ଲା | ଶିଳାଲେଖର ସଂଖ୍ୟା |
|---|---|---|---|
| ଲିଙ୍ଗରାଜ ମନ୍ଦିର | ଭୁବନେଶ୍ୱର | ଖୋର୍ଦ୍ଧା | ୧୭ |
| କେଦାରେଶ୍ୱର ମନ୍ଦିର | ଭୁବନେଶ୍ୱର | ଖୋର୍ଦ୍ଧା | ୦୨ |

| | | | |
|---|---|---|---|
| ମେଘେଶ୍ୱର ମନ୍ଦିର | ଭୁବନେଶ୍ୱର | ଖୋର୍ଦ୍ଧା | ୦୧ |
| ଦ୍ୱାରବାସିନୀ ମନ୍ଦିର | ଭୁବନେଶ୍ୱର | ଖୋର୍ଦ୍ଧା | ୦୧ |
| ଭୁବନେଶ୍ୱର ଅନନ୍ତ | ଭୁବନେଶ୍ୱର | ଖୋର୍ଦ୍ଧା | ୦୧ |
| ପାର୍ବତୀ ମନ୍ଦିର | ଭୁବନେଶ୍ୱର | ଖୋର୍ଦ୍ଧା | ୦୧ |
| ଜଗନ୍ନାଥ ମନ୍ଦିର | ପୁରୀ | ପୁରୀ | ୦୧ |
| ପାତାଳେଶ୍ୱର ମନ୍ଦିର | ପୁରୀ | ପୁରୀ | ୦୪ |
| ମାର୍କେଣ୍ଡେଶ୍ୱର ମନ୍ଦିର | ପୁରୀ | ପୁରୀ | ୦୩ |
| କୋଣାର୍କ ମନ୍ଦିର | କୋଣାର୍କ | ପୁରୀ | ୦୧ |
| କପିଳାଶ ମନ୍ଦିର | କପିଳାଶ | ଢେଙ୍କାନାଳ | ୦୧ |
| ଚଟେଶ୍ୱର ମନ୍ଦିର | କିଶେନପୁର | କଟକ | ୦୧ |
| ଶୋଭନେଶ୍ୱର ମନ୍ଦିର | ନିଆଳି | କଟକ | ୦୧ |
| ସିଦ୍ଧେଶ୍ୱର ମନ୍ଦିର | ସିଦ୍ଧେଶ୍ୱରପୁର | ଯାଜପୁର | ୦୧ |
| ବଟେଶ୍ୱର ମନ୍ଦିର | ପାଲୁର | ଗଂଜାମ | ୦୧ |
| ଖିଲୋଙ୍ଗେଶ୍ୱର ମନ୍ଦିର | ଖିଲୋର | ଖୋର୍ଦ୍ଧା | ୦୧ |
| ଚନ୍ଦ୍ରଶେଖର ମନ୍ଦିର | ପ୍ରତାପରୁଦ୍ରପୁର | ପୁରୀ | ୦୩ |
| ଖମ୍ବେଶ୍ୱରୀ ମନ୍ଦିର | ସୋନପୁର | | ୦୧ |
| ଗୋକର୍ଣ୍ଣେଶ୍ୱର ମନ୍ଦିର | ମହେନ୍ଦ୍ରପର୍ବତ | ଗଜପତି | ୦୨ |
| ତୁମ୍ବନାଥ ମନ୍ଦିର | ଖଲିକୋଟ | ଗଂଜାମ | ୦୨ |
| ତୁମ୍ବନାଥ ମନ୍ଦିର | ପ୍ରାତପୁର | ଗଂଜାମ | ୦୧ |
| ଯୁଧିଷ୍ଠିର ମନ୍ଦିର | ମହେନ୍ଦ୍ରପର୍ବତ | ଗଜପତି | ୦୧ |

### ଗଜପତି ରାଜତ୍ୱକାଳୀନ ଶିଳାଲେଖ

| | | | |
|---|---|---|---|
| ଜଗନ୍ନାଥ ମନ୍ଦିର | ପୁରୀ | ପୁରୀ | ୦୯ |
| ଲିଙ୍ଗରାଜ ମନ୍ଦିର | ଭୁବନେଶ୍ୱର | ଖୋର୍ଦ୍ଧା | ୦୧ |
| ଗର୍ହପଦା | ଗର୍ହପଦା | ବାଲେଶ୍ୱର | ୦୧ |
| ଗୋପୀନାଥପୁର ମନ୍ଦିର | ଗୋପୀନାଥପୁର | କଟକ | ୦୧ |
| ବଳଦେବଜୀଉ ମନ୍ଦିର | ଇନ୍ଦୁପୁର | କେନ୍ଦ୍ରାପଡା | ୦୧ |

ଉପରେ ପ୍ରଦତ୍ତ ୬୨ଟି ଶିଳାଲେଖର ଭାଷା ସଂପୂର୍ଣ୍ଣ ଓଡ଼ିଆ । ଏତଦ୍‌ବ୍ୟତୀତ ଉପରୋକ୍ତ ଶିଳାଲେଖ ପୂର୍ବରୁ ଖୋଦିତ ଶିଳାଲେଖର ଭାଷା, ଓଡ଼ିଆ-ତେଲଗୁ, ତାମିଲ, ସଂସ୍କୃତ ଭାଷାରେ ରଚିତ । ବିଶେଷ କରି କପିଳେନ୍ଦ୍ର ଦେବଙ୍କ ସମୟ ପୂର୍ବରୁ, ତେଲଗୁ, ଓଡ଼ିଆ-ତାମିଲ-ସଂସ୍କୃତ ଭାଷାର ସମ୍ମିଶ୍ରଣ ଅଥବା ପୃଥକ ଭାବେ ଶିଳାଲେଖଗୁଡ଼ିକ ଖୋଦିତ ହୋଇଥିବାର ପରିଲକ୍ଷିତ । କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଓଡ଼ିଶାରେ ମିଳୁଥିବା ପ୍ରାଚୀନ ସଂପଦକୁ ବର୍ଣ୍ଣନା କରି କହନ୍ତି, "ଏତେ ବେଶୀ ପ୍ରାଚୀନ କୀର୍ତ୍ତି ଓ ଐତିହାସିକ ସାମଗ୍ରୀର ଅଧିକାରୀ ଉତ୍କଳ ପରିବେଶ ଭାରତରେ ଆଉ ନାହିଁ । ଏହି ବିପୁଳ ଐତିହାସିକ ସଂପଦରୁ କେବଳ ପ୍ରତ୍ନତାତ୍ତ୍ୱିକମାନେ ଇତିହାସ ବାହାର କରିପାରିବେ ।'' ଡ. ପାଣିଗ୍ରାହୀଙ୍କ ଓଡ଼ିଶାର ଐତିହ୍ୟ ସଂପର୍କିତ ଅଭିମତ ଆମକୁ ମନେ ପକାଇଦିଏ ପ୍ରାଚୀନ ଭାରତୀୟ ପୁରାଣ ସାହିତ୍ୟରେ ଥିବା ଉତ୍କଳ ସଂପର୍କରେ ପ୍ରାଚୁର୍ଯ୍ୟପୂର୍ଣ୍ଣ ଉକ୍ତିଗୁଡ଼ିକୁ । ଉତ୍କଳର ଗୌରବମୟ ଗାଥାକୁ ପ୍ରଖ୍ୟାପିତ କରୁଥିବା ସେହିସବୁ ଉକ୍ତିଗୁଡ଼ିକରୁ କିଛି ଏଠାରେ ଉଦ୍ଧାର କରାଯାଇପାରେ ।

'କପିଳ ସଂହିତା'ର ବର୍ଣ୍ଣନା କରାଯାଇଛି-

ବର୍ଷାଣାମ ଭାରତ ଶ୍ରେଷ୍ଠା ଦେଶାନାମୁତ୍କଳଃ ଶ୍ରୁତ
ଉତ୍କଳସ୍ୟ ସମଦେଶ ଦେଶୋନାସ୍ତି ମହିତଳେ ।

ଉତ୍କଳର ସଂସ୍କୃତି ମୁଖ୍ୟତଃ ତିନୋଟି ସଂସ୍କୃତିର ଏକ ସାରସ୍ୱତ ସମନ୍ୱୟ । ତାହା ହେଉଛି ୧. ଉତ୍କଳ ସଂସ୍କୃତି, ଏହାର ସୀମା ଉତ୍ତରରେ ଯାଜପୁର ଠାରୁ ରାଢ ପର୍ଯ୍ୟନ୍ତ ବିସ୍ତୃତ ଥିଲା, ୨. କଳିଙ୍ଗ ସଂସ୍କୃତି, ଯାଜପୁର ଠାରୁ ଦକ୍ଷିଣ ସୀମାରେ ବିଶାଖାପାଟଣା ପର୍ଯ୍ୟନ୍ତ ସୁବିସ୍ତୃତ ଥିଲା, ୩. କୋଶଳ ସଂସ୍କୃତି, ବୌଦଠାରୁ ପଶ୍ଚିମରେ ବିଳାସପୁର ପର୍ଯ୍ୟନ୍ତ ଥିଲା ।

'ହରିବଂଶ' ବର୍ଣ୍ଣନାନୁସାରେ ଇଳା ବୃତ୍ତାନ୍ତ ବେଶ ରୋଚକ ପୂର୍ଣ୍ଣ । ଅର୍ଦ୍ଧନାରୀଶ୍ୱର ରୂପେ ଆବିର୍ଭୂତ ଇଳାଙ୍କ ପୁରୁଷରୂପ ସୁଦ୍ୟୁମ୍ନଙ୍କ ଔରସରୁ ଯେଉଁ ତିନୋଟି ପୁତ୍ର ଜନ୍ମଗ୍ରହଣ କରି ବିଭିନ୍ନ ଭୂମିକୁ ଅଧିକୃତ କରିଥିଲେ, ସେହି ଅଧିକୃତ ଭୂମିର ନାମାନୁସାରେ ସେମାନଙ୍କ ନାମଥିଲା ଉତ୍କଳ, ଗୟା ଓ ବିନିତାଶ୍ୱ । ଅନ୍ୟ ଏକ ପୌରାଣିକ ଉପାଖ୍ୟାନ ଅନୁସାରେ ବଳିଙ୍କ ପତ୍ନୀ ସୁଦେଷ୍ଣା ଓ ଋଷି ଦୀର୍ଘତମାଙ୍କ ଔରସରୁ ଯେଉଁ ପାଞ୍ଚଗୋଟି ପୁତ୍ର ଜନ୍ମଲାଭ କରିଥିଲେ ସେମାନଙ୍କ ନାମଥିଲା ଅଙ୍ଗ, ବଙ୍ଗ, କଳିଙ୍ଗ, ପୁଣ୍ଡ୍ର ଓ ସୁମହ । କଳିଙ୍ଗଙ୍କ ନାମାନୁସାରେ କଳିଙ୍ଗଭୂମିର ନାମକରଣ ହୋଇଥିଲା । ମହାଭାରତରେ କଳିଙ୍ଗ ରାଜ୍ୟର ନାମ ଉଲ୍ଲେଖ ରହିଛି । ପ୍ଲିନୀ ବିବରଣୀ ଅନୁସାରେ କଳିଙ୍ଗ ତିନି ଭାଗରେ ବିଭକ୍ତ ଥିଲା ଯଥା କଳିଙ୍ଗ, ମୁଡ଼ୁ କଳିଙ୍ଗ ଓ ମୁଖିଖ କଳିଙ୍ଗ । ହୁଏନସାଙ୍ଗଙ୍କ ବିବରଣୀ ଅନୁସାରେ ଉପରୋକ୍ତ ତିନିଗୋଟି ବିଭାଗ ଉ-ଚ (ଉଡ୍ର), କଙ୍ଗ୍-ଉ-ଗ୍ଲେ (କଙ୍ଗୋଦ) ଏବଂ କି-ଲିଙ୍ଗ୍-କିଆ (କଳିଙ୍ଗ) ନାମରେ ନାମିତ । ଭରତଙ୍କ ନାଟ୍ୟଶାସ୍ତ୍ରରେ ଓଡ୍ର ବିଭାଷା ସଂପର୍କରେ ସୂଚନା ଦିଆଯାଇଛି ।

"ଶବରାଭୀର ଚଣ୍ଡାଳ ସାବର ଦ୍ରାବିଡୋଡ୍ରଜାଃ
ହୀନ ବନେ ଚରଣାଂ ବିଭାଷୀ ସପ୍ତ କୀର୍ତ୍ତିତାଃ ।'

ଅର୍ଥାତ୍ ଶବର, ଆଭୀର, ଚଣ୍ଡାଳ, ସାବର, ଦ୍ରାବିଡ, ବନଚରମାନଙ୍କର କଥିତ ଭାଷା ହେଉଛି ଉଡ୍ରଜା ବା ଓଡ୍ର ବିଭାଷା ।

ଓଡ଼ିଆ ଭାଷାର ପ୍ରାଚୀନତା ତଥା ସ୍ୱାତନ୍ତ୍ର୍ୟ ସଂପର୍କରେ ଡ. ସୁନୀତି କୁମାର ଚଟ୍ଟୋପାଧ୍ୟାୟ କୁହନ୍ତି, "Bengali and Assamese originated from a common group of dialects, very close to each other as forms of the same speech, to which the name Bengali-Assamese dialect group has been given. Oriya also belongs to the same group. Only Oriya has same other features of its own not found in Bengal-Assamese. At the present day,Oriya is the most ancient of cell these speeches."

ପୂର୍ବାଂଚଳୀୟ ଭାଷା ଦୃଷ୍ଟିରୁ ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ରହିଛି । ଭାଷାର ସ୍ୱତନ୍ତ୍ରତା ଭୂମିର ସ୍ୱାତନ୍ତ୍ର୍ୟକୁ ବୁଝାଏ । କାରଣ ନିର୍ଦ୍ଦିଷ୍ଟ ଭୂମିଖଣ୍ଡରେ ଗୋଷ୍ଠୀ-ମଣିଷ ନିଜର ସ୍ୱତନ୍ତ୍ର ଭାଷା ବ୍ୟବହାର କରିବାକୁ ବାଧ୍ୟ । ତେବେ ଏହି ଏକକରେ ଭାଷା ସଂପର୍କରେ ଆଲୋଚନା କରାନଯାଇ ଉତ୍କଳର ଐତିହ୍ୟ ସଂପର୍କରେ ଆଲୋଚନା କରାଯିବ ଏବଂ ଯାହାର ଭିତ୍ତିଭୂମି ହେଉଛି ଓଡ଼ିଆ ଅଭିଲେଖ । ଗୋଦାବରୀରୁ ଗଙ୍ଗା ପର୍ଯ୍ୟନ୍ତ ବିସ୍ତୃତ ଥିବା ଏହି ଉତ୍କଳ ଭୂମିର ଐତିହ୍ୟକୁ ପ୍ରଚୋଦିତ କରୁଥିବା ଶିଳାଲେଖର ଇତିହାସ ବେଶ ରୋଚକ ପୂର୍ଣ୍ଣ । ଯେଉଁଗୁଡ଼ିକ ଐତିହାସିକମାନଙ୍କ ପାଇଁ ଅମୂଲ୍ୟ ସଂପଦ । 'ଏଗୁଡ଼ିକ, ବିଶେଷକରି ସମକାଳୀନ ରାଜାମାନଙ୍କର ଶାସନ, ଧର୍ମ ଓ ସମାଜ ନୀତିର ପ୍ରକାଶକ ହୋଇଥିବାରୁ, ଏଥିରେ ସେହି ସମୟର ରାଜାଙ୍କ ଶାସନ, ଧର୍ମ ଓ ସମାଜ ପରିଚାଳନା ସଂପର୍କରେ ସମ୍ୟକ ଚିତ୍ରଣ ରହିଥାଏ । ଫଳରେ ଅଭିଲେଖରୁ ସେ ସମୟର ଇତିହାସ ଜାଣିବା ପରବର୍ତ୍ତୀ କାଳରେ ସହଜସାଧ୍ୟ ହୋଇଥାଏ ।' (କୁମୁଦ ରଞ୍ଜନ ପାଣିଗ୍ରାହୀ, ପୃ-୯)

ଏକାଦଶ ଶତାବ୍ଦୀରେ ସୋମବଂଶୀ ରାଜାମାନଙ୍କୁ ପରାହତ କରି ଓଡ଼ିଶାକୁ ଗଙ୍ଗମାନେ ଶାସନ କରିଥିଲେ । ଏହି ସମୟ ଥିଲା ଓଡ଼ିଆ ଭାଷା-ସାହିତ୍ୟର ସ୍ୱର୍ଣ୍ଣ ଯୁଗର ଅଭ୍ୟୁଦୟାରମ୍ଭ । ଚୋଡ଼ଗଙ୍ଗ ଥିଲେ ଏହାର ପ୍ରତିଷ୍ଠାତା । ରାମାନୁଜଙ୍କ ପ୍ରଚାରିତ ବୈଷ୍ଣବ ଧର୍ମ ପ୍ରତି ଆକୃଷ୍ଟ ହୋଇ ଚୋଡ଼ଗଙ୍ଗ ଦେବ ଓଡ଼ିଶାର ଶୈବ ପରିବର୍ତ୍ତେ ବୈଷ୍ଣବ ଧର୍ମର ପ୍ରଚାର ପାଇଁ ପ୍ରୟାସ କରିଛନ୍ତି । ୧୧୩୫ ଖ୍ରୀଷ୍ଟାବ୍ଦରେ ସେ ପୁରୀ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ସୀମାଚଳମ ସହିତ ପୁରୀର ସଂପର୍କ ବେଶ୍ ସୁଦୃଢ ହୋଇଥିଲା । ପୂର୍ବରୁ ସଂସ୍କୃତ-ଓଡ଼ିଆ ଦ୍ୱିତ ଭାଷାରେ ଶିଳାଲେଖ ପ୍ରସ୍ତୁତ ହେଉଥିଲା କିନ୍ତୁ ତାଙ୍କ ସମୟରେ ଓଡ଼ିଆ-ତେଲଗୁ ଭାଷାକୁ ଶିଳାଲେଖରେ ପ୍ରାଧାନ୍ୟ ଦିଆଯାଇଥିଲା । ତାଙ୍କ ସମୟରେ ହାରାହାରି ୫୦୦ରୁ ଊର୍ଦ୍ଧ୍ୱ ଶିଳାଲେଖ ଖୋଦିତ ହୋଇଥିବାର ସୂଚନା ମିଳିଥାଏ । ଚୋଡ଼ଗଙ୍ଗଦେବଙ୍କ ପ୍ରପିତାମହ ବଜ୍ରହସ୍ତଙ୍କ ଦ୍ୱାରା ଖୋଦିତ ଉରଜାମ ଶିଳାଲେଖ (୧୦୫୧ଖ୍ରୀ) ହେଉଛି ପ୍ରଥମ ଶିଳାଲେଖ ଯେଉଁଥିରେ ଓଡ଼ିଆ ଭାଷାର ବ୍ୟବହାର କରାଯାଇଥିଲା । ପ୍ରଥମ ଏକକରେ ଏହି ଶିଳାଲେଖର ପାଠ ଥିବାରୁ ଏଠାରେ ତାହା ଉଦ୍ଧାର କରାଯିବା ନିଷ୍ପ୍ରୟୋଜନ । ଚୋଡ଼ଗଙ୍ଗଦେବଙ୍କ ପୁତ୍ର ରାଘବଙ୍କ ଦ୍ୱାରା ପୁରୀସ୍ଥ ମାର୍କଣ୍ଡେଶ୍ୱର ମନ୍ଦିର ଶିଳାଲେଖ ଏବଂ ଲିଙ୍ଗରାଜ ମନ୍ଦିର ଶିଳାଲେଖରେ ଓଡ଼ିଆ ଭାଷା ସହିତ ସଂସ୍କୃତର ପ୍ରୟୋଗ କରାଯାଇଥିଲା । ୧୧୧୨ଖ୍ରୀ.ରେ ଲିଖିତ କୋରନୀ ତାମ୍ରଶାସନରେ ଚୋଡଗଙ୍ଗ ଦେବ ନିଜକୁ ପରମ ମହେଶ୍ୱର ଏବଂ ପରମ ବୈଷ୍ଣବ ଭାବେ ଘୋଷଣା କରିଛନ୍ତି । ମୁକ୍ତେଶ୍ୱର ମନ୍ଦିର ଶିଳାଲେଖ (୧୧୪୨ଖ୍ରୀ.) ରେ ମୁକ୍ତେଶ୍ୱର ମହାଦେବଙ୍କ ନିମନ୍ତେ ଚୋଡଗଙ୍ଗ ଦେବଙ୍କ ରାଣୀ ପ୍ରଚାରୀ ମହାଦେବୀ ଗୋଟିଏ ଦୀପ ଦାନ କରିଥିବା କଥା ଉଲ୍ଲେଖ ରହିଛି । ଚୋଡଗଙ୍ଗ ଦେବଙ୍କ ଉତ୍ତରପିଢ଼ି ଶୈବମନ୍ଦିର ସହିତ ଜଡ଼ିତଥିଲେ । କପିଳାଶର ଚନ୍ଦ୍ରଶେଖର ମନ୍ଦିର ଶିଳାଲେଖ (୧୨୪୩ ଖ୍ରୀ.)ରେ ଉଲ୍ଲେଖ ରହିଛି ଯେ ତୃତୀୟ ଅନଙ୍ଗ ଭୀମଦେବଙ୍କ ପୁତ୍ର ପ୍ରଥମ ନରସିଂହ ଦେବ ନିଜକୁ ପରମ ମହେଶ୍ୱର ଏବଂ ରୁଦ୍ରପୁତ୍ର ବୋଲି ଅଭିହିତ କରିଥିଲେ । ଯଦିଓ ଦ୍ୱିତୀୟ ନରସିଂହ ଦେବ ବୈଷ୍ଣବ ଧର୍ମ ପ୍ରତି ଆଗ୍ରହ ଦେଖାଇଛନ୍ତି କିନ୍ତୁ ଶୈବ ଧର୍ମର ସୁରକ୍ଷାପ୍ରତି ସଚେତନ ଥିଲେ । ଏପରିକି ଯାଜପୁରର ସିଦ୍ଧେଶ୍ୱର ମନ୍ଦିର ଶିଳାଲେଖରେ ଚତୁର୍ଥ ନରସିଂହ ଦେବ ସିଦ୍ଧେଶ୍ୱର ପୂଜାର୍ଚ୍ଚନା ନିମନ୍ତେ ଗୋଟିଏ ଗ୍ରାମ ଦାନ କରିଥିବାର ଉଲ୍ଲେଖ ରହିଛି । ଗଙ୍ଗଙ୍କ ପରେ ଓଡ଼ିଶାର ଶାସନ ଭାର ଗଜପତି ରାଜାଙ୍କ ଅଧୀନସ୍ଥ ହୋଇଛି ଏବଂ ବୈଷ୍ଣବ ଧର୍ମର ବ୍ୟାପକ ପ୍ରଚାର ପ୍ରସାର ଘଟିଛି । ଚୋଡ଼ଗଙ୍ଗ ଦେବ ପୁରୀରେ ଜଗନ୍ନାଥ ମନ୍ଦିର ନିର୍ମାଣ ଉତ୍କଳୀୟ ବୈଷ୍ଣବ ଧର୍ମର ପ୍ରତିଷ୍ଠା କହିଲେ ଅତ୍ୟୁକ୍ତି ହେବନାହିଁ, ୧୨୭୮ ଖ୍ରୀ.ରେ ଅନନ୍ତ ବାସୁଦେବ ମନ୍ଦିରରେ ଗଙ୍ଗ ମହାରାଣୀ ଚନ୍ଦ୍ରିକା ଦେବୀଙ୍କ ଦ୍ୱାରା ବିଷ୍ଣୁଙ୍କର ଦଶ ଅବତାର ମୂର୍ତ୍ତି ସ୍ଥାପନ ଏହାର ଏକ ଜ୍ୱଳନ୍ତ ଉଦାହରଣ । ତେବେ ଗଙ୍ଗମାନଙ୍କ ସମୟରେ ସୂର୍ଯ୍ୟ ଉପାସନା, ଶକ୍ତି ଉପାସନା, କୃଷ୍ଣ ଉପସନା, ପ୍ରଭୃତି ନିରବଛିନ୍ନ ତଥା ସମାନ୍ତରାଳ ଭାବେ ଓଡ଼ିଶାରେ ଚାଲି ଆସିଛି ଏବଂ ଏହି ସମସ୍ତ ଉପାସନା ପଦ୍ଧତି ସମାୟିତ ହୋଇଛି ଜଗନ୍ନାଥ ମନ୍ଦିର ଭିତରେ । କପିଳେନ୍ଦ୍ର ଦେବଙ୍କ ପର୍ଯ୍ୟନ୍ତ ଗଙ୍ଗବଂଶୀ ରାଜାମାନେ ଓଡ଼ିଶାରେ ଜଗନ୍ନାଥଙ୍କୁ ନିଜର ଆରାଧ୍ୟ ଦେବତା ଭାବେ ଗ୍ରହଣ କରିଥିଲେ । କପିଳେନ୍ଦ୍ର ଦେବଙ୍କ ଠାରୁ ଆରମ୍ଭ ହୋଇଥିବା ଗଜପତି ଶାସନ ଓ ତାଙ୍କପରେ ଜଗନ୍ନାଥଙ୍କୁ ଜାତୀୟ ପରିଚିତ ପ୍ରଦାନ କରିଥିଲା । କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ

ଦେବ ପ୍ରତାପରୁଦ୍ରଦେବଙ୍କ ଦ୍ୱାରା ଖୋଦିତ ଶିଳାଲିପିରେ ଜଗନ୍ନାଥଙ୍କୁ ରାଷ୍ଟ୍ରଦେବତା ଭାବେ ଅଭିଷିକ୍ତ କରାଯାଇଛି । ସେମାନଙ୍କ ରାଜତ୍ୱ କାଳରେ ନାନକ, କବିର ଓ ଚୈତନ୍ୟ ଦେବ ଓଡ଼ିଶାକୁ ଆସିଛନ୍ତି ଓ ଜଗନ୍ନାଥଙ୍କ ସାନିଧ ଲାଭ କରିଛନ୍ତି । କିନ୍ତୁ ଶ୍ରୀ ଚୈତନ୍ୟଙ୍କ ପୁରୀରେ ୧୮ ବର୍ଷ ରହଣୀ ବୈଷ୍ଣବ ଧର୍ମ ତଥା ଜଗନ୍ନାଥଙ୍କ ଧର୍ମ ଦର୍ଶନର ପ୍ରଚାର ନିମନ୍ତେ ଏକ ଉତ୍ପ୍ରେରକ ଶକ୍ତି ଭାବେ କାର୍ଯ୍ୟ କରିଛି ।

ମଧ୍ୟଯୁଗୀୟ ଧାର୍ମିକ ପରିମଣ୍ଡଳ କେବଳ ଭାସ୍କର୍ଯ୍ୟ ଚିତ୍ରକଳା ସାହିତ୍ୟ ମଧ୍ୟରେ ଅଭିବ୍ୟକ୍ତ ହୋଇଛି ପରନ୍ତୁ ମନ୍ଦିର ଗାତ୍ରରେ ଲିପିବଦ୍ଧ ଶିଳାଲେଖରେ ଓ ତାମ୍ରଶାସନରେ ପ୍ରତିଫଳିତ ହୋଇଛି । ଯାହାକୁ ଆଧାରକରି ଓଡ଼ିଶାର ସାମାଜିକ ତଥା ସାଂସ୍କୃତିକ ଜୀବନ ଧାରାକୁ ସହଜରେ ଆକଳନ କରାଯାଇପାରିବ । ଗଙ୍ଗମାନଙ୍କ ସମୟରେ ଶିକ୍ଷାର ବିସ୍ତାର ଲାଗି ପ୍ରଯତ୍ନ ପ୍ରୟାସ କରାଯାଇଥିବାର ପ୍ରମାଣ ଶିଳାଲେଖରୁ ଦେଖିବାକୁ ମିଳିଥାଏ । ୧୩୦୫ ଖ୍ରୀ. ରେ ଖୋଦିତ ଶିଳାଲେଖରେ ବାରଣାସୀ କଟକ ନିବାସୀ ଚମ୍ପୁନାଥ ମହାସେନାପତି ସୀମାଚଳମ ମନ୍ଦିରରେ ବେଦ ଅଧ୍ୟୟନ ପାଇଁ ନିୟୋଜିତ ହୋଇଥିଲେ । ୧୨୦୩ଖ୍ରୀ. ରେ ଲିଖିତ ଶିଳାଲେଖରେ ପୁରାଣ ପାଠ ପାଇଁ ନିୟୋଜିତ ୧୫ଜଣ ବ୍ରାହ୍ମଣଙ୍କୁ ବୈଷ୍ଣବ ନରହରି ତୀର୍ଥ ଅର୍ଥଦାନ କରିଥିଲେ, ଅଗ୍ରହଣ ଏବଂ ମନ୍ଦିର ବ୍ୟତୀତ ମଠ ତଥା ସାଧୁସନ୍ନାସୀଙ୍କ ନିବାସ ସ୍ଥାନରେ ଉଚ୍ଚ ଶିକ୍ଷାର ବନ୍ଦୋବସ୍ତ କରାଯାଇଥିଲା । ଦ୍ୱିତୀୟ ନରସିଂହ ଦେବ ବେଦ ମଠ ଏବଂ ବ୍ୟାକରଣ ମଠ ନିମନ୍ତେ ୭ବାଟୀ ଜମିଦାନ କରିଥିଲେ । ସେହିପରି ତୃତୀୟ ଅନଙ୍ଗ ଭୀମଦେବ ମଧ ବେଦ ବ୍ୟାକରଣ ମଠ ନିମନ୍ତେ ୯ବାଟୀ ଏବଂ ଜମେଶ୍ୱର ମଠ ଯେଉଁଠି ବେଦ ବ୍ୟାକରଣ ଶିକ୍ଷା ଦିଆଯାଉଥିଲା, ସେଥି ନିମନ୍ତେ ତିନିବାଟୀ ଜମି ଦାନ କରିଥିଲେ । ଏହି ସବୁ ସ୍ଥାନରେ ଋକବେଦ, ପୁରୁଷସୁକ୍ତ, ଯଜୁର୍ବେଦ, ସାମବେଦ, ପୁରାଣ, କାବ୍ୟ, ନୀତିଶାସ୍ତ୍ର, ନାଟକ, ଛାନ୍ଦ, ବ୍ୟାକରଣ, ଅଭିଧାନ ଆୟୁର୍ବେଦ ପ୍ରଭୃତି ବିଷୟରେ ଶିକ୍ଷା ଦିଆଯାଉଥିଲା । ଗଙ୍ଗ ରାଜାବୃନ୍ଦ ଯଥା ଚୋଡଗଙ୍ଗ ଦେବ, ରାଜାରାଜଦେବ, ଅନଙ୍ଗଭୀମ ଦେବ- ୩ ନରସିଂହ-୧, ଚନ୍ଦ୍ରିକା ଦେବୀ ଏବଂ ଚତୁର୍ଥ ଭାନୁଦେବ ତଥା ଗଜପତି ମାନେ ଯଥା କପିଳେନ୍ଦ୍ରଦେବ, ପୁରୁଷୋତ୍ତମଦେବ, ପ୍ରତାପରୁଦ୍ର ଦେବ ପ୍ରଭୃତି ରାଜନ୍ୟବର୍ଗ ଓଡ଼ିଶାରେ କଳା, ସ୍ଥାପତ୍ୟ, ଶିକ୍ଷା, ସଂଗୀତ, ନୃତ୍ୟର ବିକାଶ ନିମନ୍ତେ ପୃଷ୍ଠପୋଷକତା କରିଥିବାର ପ୍ରମାଣ ଆମେ ବିଭିନ୍ନ ଶିଳାଲେଖ ତଥା ତାମ୍ର ଶାସନରୁ ଦେଖିବାକୁ ପାଉ । ଉଭୟ ଗଙ୍ଗ ଓ ଗଜପତି ରାଜତ୍ୱ କାଳରେ ବିବିଧ ପ୍ରକାର ମୁଦ୍ରା ଯଥା ମାଢ଼, ଚିନମ, ଫାନମ, ଗଙ୍ଗ୍ୟା, ନିବନ୍ଧ, ପାଗୋଡ଼ା, ସସୁକାନି ଟଙ୍କାର ପ୍ରଚଳନ ସେ ସମୟରେ ଖୋଦିତ ଶିଳାଲେଖରୁ ପାଇଥାଉ । ଧାତୁରୁ ନିର୍ମିତ ବିଶେଷକରି ସୁନା ଏବଂ ରୂପାର ଏହି ମୁଦ୍ରାଗୁଡ଼ିକ ବ୍ୟବସାୟ ବାଣିଜ୍ୟ କାରବାରର ବ୍ୟବହୃତ ହେଉଥିଲା । ସାଧାରଣ କାରବାରରେ ତମ୍ବା ମୁଦ୍ରାର ପ୍ରଚଳନ ଥିଲା । ତେବେ ଜନସାଧାରଣ ବା ପ୍ରଜାମାନଙ୍କ ମଧ୍ୟରେ କଉଡ଼ିର ପ୍ରଚଳନ ଥିଲା । ହୁଏନସାଂଙ୍କ ଭ୍ରମଣ ବୃତ୍ତାନ୍ତରେ ଏହି କଉଡ଼ିର ପ୍ରଚଳନ କଥା ଉଲ୍ଲେଖ ରହିଛି । ତେବେ ଚୋଡ଼ଗଙ୍ଗ ଦେବଙ୍କ ସମୟରେ ଖୋଦିତ ଆଲଗମ ଶିଳାଲେଖ (୧୧୪୦-୪୧ଖ୍ରୀ)ରେ କଦର୍ପକ (କଉଡ଼ି)ର ବ୍ୟବହାର କଥା ଉଲ୍ଲେଖ ରହିଛି । ଜଗନ୍ନାଥ ମନ୍ଦିର ଶିଳାଲେଖରେ ପୁରୁଷୋତ୍ତମ ଦେବ ମନ୍ଦିରକୁ ୨୦୦୦ କାହାଣ (ଗୋଟିଏ କାହାଣ-୧୨୫୦ କଉଡ଼ି) କଉଡି ଦାନ କରିଥିବାର କଥା ଉଲ୍ଲେଖ ରହିଛି । କଉଡ଼ି, ଟଙ୍କା ପରି ପଦ୍ମ, ପଦ୍ମନିଧି, ଚିନା, ରୂଆ ପ୍ରଭୃତି ମୁଦ୍ରାର ପ୍ରଚଳନ ଆମେ ଦେଖିବାକୁ ପାଉ । ତେବେ ଅଧିକାଂଶ ମୁଦ୍ରା ଦୁଷ୍ପ୍ରାପ୍ୟ ହୋଇଥିବାରୁ ସେ ସଂପର୍କରେ ଆଲୋଚନା କରାଯାଇପାରିନାହିଁ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କପିଳେନ୍ଦ୍ର ଦେବ ପ୍ରଥମେ "ଓଡ଼ିଶା' ଶବ୍ଦକୁ ତାଙ୍କ ଦ୍ୱାରା ଲିଖିତ ଶିଳାଲେଖରେ ବ୍ୟବହୃତ କରିଛନ୍ତି । ଲିଙ୍ଗରାଜ ମନ୍ଦିର ଶିଳାଲେଖରେ ରହିଛି-

"ରାଏଗୁରୁ ବାସୁ ମହାପାତ୍ର ଭୁବନେର ମହାପାତ୍ର
ଏ ଦୁଇହେ ଆସି (ଲିହିଲେଏ)
ଦୁଇଙ୍କରି ଗୋଚରେ ଆଗ୍ୟାଂ ବୋଲିଣ ହୋଇଲେ
ଆମ୍ଭର ଓଡିଶା ରାଜ୍ୟେ ଜେତେ ରା(ଜ୍ୟେ ଜେତେ ରାଜ)
ସୁଗ ସବୁହେଂ ରାଜାଙ୍କ ହୀତେ ବ୍ରତି ଏ ଆପଣାର
ସଦାଚରେ ଥିବେ xxx'

ଜଗନ୍ନାଥ ମନ୍ଦିରର ଜୟବିଜୟ ଦ୍ୱାରର ଉଭୟ ପଟ କାନ୍ଥରେ କପିଳେନ୍ଦ୍ର ଦେବଙ୍କ ୫ଟି ଶିଳାଲେଖ ରହିଛି । ପ୍ରଥମ ଶିଳାଲେଖର ସମୟ ଡିସେମ୍ବର ୯ତାରିଖ ୧୪୩୬ ମସିହା (୪ର୍ଥ ଅଙ୍କ ଧନୁମାସ ଅମାବାସ୍ୟା) । ଏହି ଶିଳାଲେଖରେ ମଧ 'ଓଡ଼ିଶା' ନାମର ଉଲ୍ଲେଖ ରହିଛି ।

x x x x x

କାଶୀ ବିଦ୍ୟାଧର ମହାପାତ୍ର ବେଲଶ୍ୱର ପ୍ରହରାଜ ମହାପାତ୍ର

ଲିଖନ ପୁରୋହିତ ପଟ୍ଟନାୟକ ଦାମୋଦର ମହା ସେନାପତି ଥାଇ ପରମେଶ୍ୱରଙ୍କ ଶ୍ରୀଚଣ ଅଗ୍ରତେ ଭୋଗ ପରୀକ୍ଷା ପାତ୍ର ଅଗ୍ନିଶର୍ମା ମୁଦ୍ରହସ୍ତର ଗୋଚ ରେ ବୋଇଲା ମୁଦଲେ ଶ୍ରୀ ପୁରୁଷୋତ୍ତମ ଦେବଙ୍କ ଦେଉଳ ଦ୍ୱାରେ ଲେଖନ କରିବା ଆରମ୍ଭ ଓଡ଼ିଶା ରା(ରାଜ୍ୟ) ର ଲୋଣ କଉଡ଼ି ମୁଲକର ନ୍ୟାୟ ଛାଡ଼ିଲି ଛାଡ଼ିଲି ଏହା ରାଜା ହୋଇ ଜେ ଲଙ୍ଗଇ ସେ ଶ୍ରୀ ଜଗନ୍ନାଥ ଦେବଙ୍କୁ ଦ୍ରୋହ କରଇ ।

ଉଡ୍ର, ଓଡ୍ର, ଉଡ୍ରଡିଆନ, ଉତ୍କଳ, କଳିଙ୍ଗ, ପ୍ରଭୃତି ନାମରେ ନାମିତ ରାଷ୍ଟ୍ରଟି କପିଳେନ୍ଦ୍ର ଦେବଙ୍କ ପରେ ପରେ ଓଡ଼ିଶା ରାଜ୍ୟରେ ପରିଣତ ହୋଇଛି ଏବଂ ଏହି ଓଡ଼ିଶା ବା ନବୋତ୍କଳ ନିର୍ମାଣରେ କପିଳେନ୍ଦ୍ର ଦେବ ଯଥା ସାଧ୍ୟ ପ୍ରୟାସ କରିଛନ୍ତି । କପିଳେନ୍ଦ୍ର ଦେବ ହେଉଛନ୍ତି ପ୍ରଥମ ଓଡ଼ିଆ ଯାହାଙ୍କ ସାମ୍ରାଜ୍ୟ ବିସ୍ତାରରେ ସାମର୍ଥ ଓ ଓଡିଶାରେ ଗଠନମୂଳକ କାର୍ଯ୍ୟକରିବାରେ ଦକ୍ଷତା ରହିଥିଲା । ବାହ୍ୟ ଶତ୍ରୁ କପିଳେନ୍ଦ୍ର ଦେବଙ୍କ ରାଜ୍ୟର ସୀମା ସ୍ପର୍ଶ କରିବାକୁ ଭୟ କରୁଥିଲେ ଏବଂ ଯେଉଁ ପଡ଼ୋଶୀ ରାଜ୍ୟର ରାଜା ଉତ୍କଳକୁ କରାୟତ କରିବାପାଇଁ ପ୍ରୟାସ କରିଥିଲେ ସେମାନେ ପରାଜୟ ବରଣ କରିଥିବାର ସୂଚନା ଆମେ ଇତିହାସରୁ ପାଇଥାଉ ।

ଗଙ୍ଗ ବଂଶଙ୍କ ପୂର୍ବରୁ ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ନରସିଂହନାଥ ମନ୍ଦିର କାନ୍ଥ ପାଟଣାନଗରର ରାଜକୁମାର ଦେବଳଦେବଙ୍କର ଶିଳାଲେଖଟି ରହିଛି । ଏହି ଶିଳାଲେଖରେ (୬ଷ୍ଠ/୭ମ ଶତାବ୍ଦୀ) ନରସିଂଘନାଥ ସ୍ୱାମୀଙ୍କ ଦେଉଳ ତୋଳାଇବାର ଉଲ୍ଲେଖ ରହିଛି । ପାଠଟି ଏହିପରି - ଓଁ ନମ ଶ୍ରୀ ନିସଂଘ x x x ସ୍ୱସ୍ତି ଶ୍ରୀ ଉନସି ନାମ ସମ୍ବସ୍ସରେ ଚୈତ୍ର ପୂର୍ଣ୍ଣିମା ଶୁକ୍ଲ ପକ୍ଷେ ହସ୍ତା ନକ୍ଷତ୍ରେ ପାଟଣାନଗର ସ୍ଥିତ ବସ୍ନାନୁଜ ଦେବ ରାଜାଙ୍କ ଜ୍ୟେଷ୍ଠପୁତ୍ର ଦେବଳଦେବରାଜ ନରସିଂହ ତୀର୍ଥେ ଗୋଣ୍ଡମାର୍ଦନ ପର୍ବତେ ବିରଳା ନରସିଂଘ ନାଥ ସ୍ୱାମୀଙ୍କ ଶ୍ରୀ ଦେଉଳ ତୋଳାଇଲା ନିଜେ ରନ୍ଶାଳା ଗାଇ ସତେକ ଲୁହସିଂଘାଗ୍ରାମ ଦିଆଗୋଲା x x x । ଅର୍ଥାତ୍ ଏହି ସମୟରେ ଓଡ଼ିଶାରେ ବୌଦ୍ଧ ବଜ୍ରଯାନର ଉତ୍ପତ୍ତିର ସମୟ । ବଜ୍ରଯାନର ପ୍ରବର୍ତ୍ତକ ରାଜା ଇନ୍ଦ୍ରଭୂତି ଉଡଡିୟାନ୍ ବା ଓଡିଶାର ସହୋରା/ଜହୋର ନାମକ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ । ବଡସମ୍ବର ବା ବଡାସହୋର ଏହି ସ୍ଥାନର ନାମ ଉକ୍ତ ଅଂଚଳଟି ନୃସିଂହନାଥ ମନ୍ଦିର ନିକଟବର୍ତ୍ତୀ ଏବଂ ଏହି ସ୍ଥାନରେ ବୌଦ୍ଧତାନ୍ତ୍ରିକ ନାଗାର୍ଜୁନ ବହୁବର୍ଷ ବସବାସ କରୁଥିଲେ ବୋଲି କିମ୍ବଦନ୍ତୀ ଅଛି ।

ଶୈଳୋଦ୍ଭବ ବଂଶର ରାଜାମାନେ ଉଚ୍ଚଶିକ୍ଷିତ ଓ ଧର୍ମପରାୟଣ ଥିଲେ । ଏମାନେ ବ୍ରାହ୍ମଣ ଧର୍ମକୁ ଗୁରୁତ୍ୱ ଦେଉଥିବା ହେତୁ ବୌଦ୍ଧର୍ମର ପକ୍ଷପାତି ନଥିଲେ । ମହାରାଜାଧିରାଜ ଧର୍ମରାଜଦେବ ୨ୟଙ୍କ ନବିନା ତାମ୍ରଶାସନରେ ରାଜ୍ୟର ସୀମାନିର୍ଦ୍ଦେଶ ସହ ପ୍ରାକୃତ ଭାଷାର ପ୍ରୟୋଗ ଦେଖିବାକୁ ମିଳେ । ତାମ୍ରଲେଖର ପାଠଟି ନିମ୍ନରେ ଉଦ୍ଧୃତ କରାଗଲା । ଯାହାର ଲିଖନ ସମୟ ୭-୮ମ ଶତାବ୍ଦୀ ବୋଲି ଗବେଷକମାନେ ମତ ଦେଇଛନ୍ତି ।

"ପଶ୍ଚିମ ଦିଶହ ତୃକୁଟ ଆଡ ପୋପାଦି ବଣରାଇ
ବାଲ୍ମୀକ ବଙ୍କସିଳ ବଣରାଇ ।
ଉତ୍ତର ଦିଶହି ତୃକୁଟ ପାଣି ସାଶତରି ମଣିବାଧୈବଣି
ଉତ୍ତର ଦିସହି ଦିଘସିଳ
ପୂବେହି ଅତିବଣରାଇବାତ
ପୂବଉତ୍ତର କୋଣେହ ସୋମଣିତକୁଟ
ପୂବ ଦିସଳ ଖୋଲାଡ
ପୂବ ଦକ୍ଷିଣ କୋଣହି ବାଘଗୁହ ତୁକୁଟ
ଦଖିଣହି ଶବଦିସିଳ ଗାଡି ସ୍ରାବତ ସଣ୍ଡପୁର ଦ୍ୱିଟିମ୍ପରା ।'

ଚୋଡ଼ଗଙ୍ଗ ଦେବଙ୍କ ପୂର୍ବପୁରୁଷ ମଧୁ କାମାର୍ଣ୍ଣବ ଦେବଙ୍କ ଶିଳାଲେଖ (ଗଙ୍ଗାଦି ୫୨୮)ରେ ରାଜ୍ୟର ସୀମା କଥା ଉଲ୍ଲେଖ ରହିଛି । ଯେଉଁଥିରେ ଓଡ଼ିଆ ଭାଷାର କେତେକ ଶବ୍ଦ ଯଥା ତିନ୍ତୁଳି, ପାତ, ରାବଣ, ଦୋଳି, ମୃଗବେ[ ଯୋତି, ବନରା ଛତା, ହଳେ, ଦେଢ ଇତ୍ୟାଦି ବ୍ୟବହାର ହୋଇଥିବାର ପରିଲକ୍ଷିତ ହୁଏ । ସେହିପର ଅନନ୍ତବର୍ମା ବଜ୍ରହସ୍ତ ଦେବଙ୍କ ଶିଳାଲେଖ (୧୦୬୯ଖ୍ରୀ) ଏବଂ ବଜ୍ରହସ୍ତ ଦେବଙ୍କ ଶିଳାଲେଖ (୧୧୦୬)ରେ ଓଡ଼ିଶାର ଧର୍ମ ସଂସ୍କୃତି ବିଷୟରେ ବର୍ଣ୍ଣନା ଦେଖିବାକୁ ମିଳେ ।

ଅନଙ୍ଗଭୀମ ଦେବ ପୂର୍ବରୁ ଛପାଟ ରାଜାମାନଙ୍କ ସ୍ଥିତି ସଂପର୍କରେ ମାଦଳାପାଞ୍ଜିରେ ଉଲ୍ଲେଖ ଅଛି । ସେମାନେ ହେଲେ ଚୋଡଗଙ୍ଗ, କାମାର୍ଣକ, ରାଘବ, ରାଜରାଜ, ଅନଙ୍ଗଭୀମଦେବ-୧ ଏବଂ ରାଜରାଜ-୨ । ଏହି ସମୟ ଅବଧିରେ ଶିଳାଲେଖଗୁଡ଼ିକୁ ବିଚାର ପରିସରଭୁକ୍ତ କଲେ ଏହାର ସତ୍ୟତା ଆମେ ଜାଣିପାରିବା । ଆମେ ଜାଣୁ ଗଙ୍ଗ ରାଜତ୍ୱ କାଳରେ କେତେକ ଶିଳାଲେଖରେ ଓଡ଼ିଆ ଭାଷାର ପ୍ରୟୋଗ କରାଯାଇଛି । ତେବେ ଏମାନଙ୍କ ଅଧିକାଂଶ ଶିଳାଲେଖ କଳିଙ୍ଗର ପ୍ରସିଦ୍ଧ ସୀମାଚଳମ ପର୍ବତ ଉପରେ ଥିବା ନୃସିଂହନାଥ ମନ୍ଦିର ଶ୍ରୀ କୂର୍ମନାଥ ମନ୍ଦିର, ଶ୍ରୀ ମଧୁକେଶ୍ୱର ଆଦି ଦକ୍ଷିଣ ଭାରତର ମନ୍ଦିରରେ ଦେଖିବାକୁ ମିଳିଥାଏ ।

ଲାଙ୍ଗୁଳା ନରସିଂହ ଦେବ(୧୨୩୮-୧୨୬୩ଖ୍ରୀ) ରାଜତ୍ୱ ସମୟରେ ତାମିଲ-ଓଡ଼ିଆ ଦ୍ୱିଭାଷିକ ଶିଳାଲେଖଟି (ଭୁବନେଶ୍ୱର) ଖୋଦିତ ହୋଇଥିଲା । ପୂର୍ବ ଏକକରେ ଏହି

ଶିଳାଲେଖ ସଂମ୍ପର୍କରେ ଆଲୋଚନା କରାଯାଇଛି । ଦ୍ୱିତୀୟ ନରସିଂହ ଦେବ (୧୨୭୮-୧୩୦୫ଖ୍ରୀ) ଙ୍କ କେନ୍ଦୁପାଟଣା ଶିଳାଲେଖରେ ସେଠାକାର ଗ୍ରାମବାସୀ କୋମଟୀମାନଙ୍କୁ ଜମିଦାନ କରିଥିବା କଥା ଉଲ୍ଲେଖ ରହିଛି ।

ଲାଙ୍ଗୁଳା ନରସିଂହ ଦେବଙ୍କ ପୁତ୍ର ଭାନୁଦେବ ଖ୍ରୀ. ୧୨୬୩ରୁ ୧୨୭୯ଖ୍ରୀ. ପର୍ଯ୍ୟନ୍ତ ରାଜା ହୋଇଥିଲେ । ଏହାଙ୍କ ସମୟର, ତାଙ୍କର ମଙ୍ଗଳାର୍ଥେ ସିଂହାଚଳର ଲକ୍ଷ୍ମୀ ନରସିଂହ ମନ୍ଦିରରେ ବିଭିନ୍ନ ପ୍ରକାର ଭୋଗର ବ୍ୟବସ୍ଥା କରାଯାଇଥିବା କଥା ଉକ୍ତ ମନ୍ଦିରର ଶିଳାଲେଖରେ ଦେଖିବାକୁ ମିଳେ । ଭାନୁଦେବଙ୍କ ପରେ ଦ୍ୱିତୀୟ ନରସିଂହଦେବ ଖ୍ରୀ. ୧୨୬୯ ରୁ ୧୩୦୮ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସିମାଚଳମସ୍ଥ ଲକ୍ଷ୍ମୀ ନରସିଂହ ମନ୍ଦିରରେ ଥିବା ଶିଳାଲେଖ (୧୨୮୮ଖ୍ରୀ) ରେ ଦ୍ୱିତୀୟ ନରସିଂହ ଦେବ ଉକ୍ତ ମନ୍ଦିରରେ ଦୁଇଟି ମଣ୍ଡପ ନିର୍ମାଣ ଓ ଏହାର ରକ୍ଷଣାବେକ୍ଷଣ ପାଇଁ ଦୁଇଟି ଗ୍ରାମ ଦାନ କରିଥିଲେ । ଦ୍ୱିତୀୟ ନରସିଂହ ଦେବଙ୍କ ରାଜ୍ୟ ସୀମା ଗଙ୍ଗା ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ତୃତୀୟ ନରସିଂହ ଦେବଙ୍କ ରାଜତ୍ୱ ସମୟରେ ଶ୍ରୀ କୁର୍ମାନାଥ ମନ୍ଦିରରେ ଗୋଟିଏ ଶିଳାଲେଖ (୧୩୩୦ଖ୍ରୀ) ରହିଛି ଯେଉଁଥିରେ ଉଭୟ ଓଡ଼ିଆ ଓ ତେଲୁଗୁ ଭାଷାର ରୂପ ଦେଖିବାକୁ ମିଳିଥାଏ । ଏହି ଶିଳାଲେଖରେ ଶ୍ରୀ କୁର୍ମନାଥଙ୍କ ପୂଜାବିଧି ତଥା ଭୋଗସାମଗ୍ରୀ ବିଷୟରେ ଉଲ୍ଲେଖ ରହିଛି । ଉକ୍ତ ଶିଳାଲେଖଟି ଦକ୍ଷିଣା*ଳୀୟ ଓଡ଼ିଆ ସହିତ ତେଲୁଗୁର ମିଶ୍ରିତ ରୂପ ଦେଖିବାକୁ ମିଳିଥାଏ । କଳିଙ୍ଗ ବ୍ୟବସାୟୀ ରିଷି ଦାସଙ୍କ ଶ୍ରୀ କୂର୍ମନାଥ ମନ୍ଦିରରେ ଗୋଟିଏ ଦାନ ଶିଳାଲିପି (୧୪୦୩ ଖ୍ରୀ) ଦେଖିବାକୁ ମିଳିଥାଏ । ଏହି ଶିଳାଲେଖରେ ହିନ୍ଦୀ, ଉର୍ଦ୍ଦୁ ତଥା ଓଡ଼ିଆ ଭାଷାର ବ୍ୟବହାର କରାଯାଇଛି । ରିଷିଦାସଙ୍କ ଖୋଦିତ ଶିଳାଲେଖର ପାଠଟି ନିମ୍ନରେ ଦିଆଗଲା ।

'ସିଧି । ଗଣେଶାୟ ନମଃ ସଂବତ ୧୪୫୭ । ସାକେ । ୧୩୨୫ ସମୟେ । ସର୍ବଧାରୀନାମ ସମ୍ବସରେ ପଟଣଉର କଟକେ । ବ୍ୟାସ ଉପାଧାୟକୋ । ପଣତି । ବିଷ୍ଣୁଦାସ ଉପାଧ୍ୟାୟକୋ ନାତି । ପେଗୁଉପାଧ୍ୟାୟକୋ ପୁତ୍ରଃ । କଳିଙ୍ଗ ବ୍ୟାପାରୀ ଲଡୌଉଓ ସୁରତାଣକୋ ଭାଇ । ରିଷିଦାସ କୂର୍ମକ୍ଷେତ୍ର ଆଖଣ୍ଡ ଦିପ ଘୋଡା ବାଣିଜାରା ରିଷିଦାସ ନାୟକ । ଶ୍ରୀ କୁର୍ମନାଥ ଚରଣେ ଶରଣ ଶ୍ରୀ ନରସିଂହ ଚରଣ ଶରଣଃ । ଶୁଭଂମସ୍ତୁ । ଦିରର୍ଧା ସି ଗୋପାଳ ଭୋଇ ପଲ୍ଲୁ ଭୋଇ ଦ୍ୱିକର ଗୋଚରେ ଦିଲ କେଳି ଶତା ୧୦୦ । ଯେଥକୀ ନିତ୍ୟ ଦିବା ଘି ଆଡ ଲେଖଇ ବର୍ସକୈ ଋରିପୁଟି ଦଶମାଣ ଏହି ଲେଖ ପ୍ରତି ସ୍ରହୀ କୁର୍ମନାଥ ଦେବ ପ୍ରଶ କରୀବା । ଏ ଧର୍ମ୍ମ ତୀରୂପତି ଶ୍ରୀ ବୈଷ୍ଣବ ରକ୍ଷ ।'

ରିଷିଦାସଙ୍କ ଏହି ଶିଳାଲେଖରେ ଓଡ଼ିଆ ଭାଷାର ଇତିହାସ ଯେପରି ଦୃଶ୍ୟମାନ ସେହିପରି ରାଜାମାନଙ୍କ ବ୍ୟତୀତ ପ୍ରଜାଗଣ କିପରି ନିଜ ବଦାନ୍ୟତା ଦେଖାଇଛନ୍ତି ତାହା ପଂଚଦଶ ଶତାବ୍ଦୀର ଏକ ସ୍ମାରକୀ ହୋଇରହିଛି । ସେହିପରି ନିଶଙ୍କ ଭାନୁଦେବଙ୍କ (୪ର୍ଥ ଭାନୁଦେବ) ସିଂହାଚଳର ନୃସିଂହନାଥ ମନ୍ଦିରର ଶିଳାଲେଖ (୧୪୨୦) ୨ୟ ଭାନୁଦେବ, ୩ୟ ନରସିଂହ ଦେବ, ୩ୟ ଭାନୁଦେବ ତଥା ୪ର୍ଥ ନରସିଂହ ଦେବଙ୍କ ଶିଳାଲେଖରେ ଠାକୁରଙ୍କ ନିମିତ୍ତ ବିଭିନ୍ନ କାର୍ଯ୍ୟପାଇଁ ବୃତ୍ତିର ବ୍ୟବସ୍ଥା ସଂପର୍କରେ ତଥ୍ୟ ଆମେ ପାଇଥାଉ । ଉତ୍କଳ ସାମ୍ରାଜ୍ୟ ଅନ୍ତର୍ଗତ ପ୍ରସିଦ୍ଧ ସିଂହାଚଳର ନୃସିଂହନାଥ ମନ୍ଦିର, ଶ୍ରୀକୂର୍ମର କୂର୍ମନାଥ ମନ୍ଦିର, ପୁରୀର ଜଗନ୍ନାଥ ମନ୍ଦିର ପ୍ରଭୃତି ପୀଠମାନଙ୍କରେ ଶତାବ୍ଦୀ ଶତାବ୍ଦୀ ଧରି ରାଜାମାନଙ୍କର ଭକ୍ତିଭାବନା ସମ୍ପୃକ୍ତ ସ୍ଥାନମାନଙ୍କରେ ଖୋଦିତ ଶିଳାଲେଖରୁ ଉତ୍କଳ ଇତିହାସ ସଂପର୍କରେ ଅବଗତ ହୋଇଥାଉ ।

ଗଙ୍ଗ ବଂଶର ରାଜତ୍ୱପରେ କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଦେବ, ପ୍ରତାପରୁଦ୍ର ଦେବ ପ୍ରଭୃତି ରାଜାମାନଙ୍କ ଦ୍ୱାରା ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଶିଳାଲେଖ ଖୋଦିତ ହୋଇ ମଧ୍ୟଯୁଗୀୟ ଓଡ଼ିଶାର ଆର୍ଥ-ସାମାଜିକ ତଥା ସାଂସ୍କୃତିକ ଇତିହାସକୁ ସୂଚିତ କରୁଛି ।

**ସହାୟକ ଗ୍ରନ୍ଥସୂଚୀ :**


୧. ଆର୍ଯ୍ୟ, ପ୍ୟାରୀମୋହନ, ଓଡ଼ିଶାର ଇତିହାସ, ଓଡିଶା ବୁକ୍ ଷ୍ଟୋର, କଟକ, ୨୦୦୧ ।

୨. କର, ପ୍ରଫେସର ବାଉରୀ ବନ୍ଧୁ, ଓଡ଼ିଆ ସାହିତ୍ୟର ଇତିହାସ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ, ୨୦୧୦ ।

୩. ଦାଶ, ପଣ୍ଡିତ ସୂର୍ଯ୍ୟନାରାୟଣ, ଓଡ଼ିଆ ସାହିତ୍ୟର ଇତିହାସ, (ପ୍ରଥମ ଭାଗ), ଗ୍ରନ୍ଥ ମନ୍ଦିର, କଟକ, ୨୦୦୨ ।

୪. ଦାଶ, ପଣ୍ଡିତ ସୂର୍ଯ୍ୟନାରାୟଣ, ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ, ୨୦୦୨ ।

୫. ପାଣିଗ୍ରାହୀ, କୁମୁଦ ରଂଜନ, ପ୍ରାଚୀନ ଓଡ଼ିଆ ଗଦ୍ୟ ସାହିତ୍ୟର ସ୍ୱରୂପ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ, ୧୯୮୦ ।

୬. ପାଢ଼ୀ, କୀର୍ତ୍ତନ ନାରାୟଣ ପରିଡ଼ା, ଆମ ଓଡ଼ିଆ ଭାଷା, ଆମ ଓଡିଶା, ଭୁବନେଶ୍ୱର, ୨୦୧୪ ।

୭. ପ୍ରଧାନ, ଡ. ସବିତା, ଭାଷା-ଶୈଳୀ ଅବବୋଧ, ଅଗ୍ରଦୂତ, କଟକ, ୨୦୦୫ ।

୮. ମହାନ୍ତି, ଡ. ଆର୍ତ୍ତବଲ୍ଲଭ, ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶ (ସଂ), ଓଡିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ୧୯୯୮ ।

୯. ମହାନ୍ତି, ଶ୍ରୀ ସୁରେନ୍ଦ୍ର, ଓଡ଼ିଆ ସାହିତ୍ୟର ଆଦିପର୍ବ, କଟକ ଷ୍ଟୁଡେଣ୍ଟସ ଷ୍ଟୋର, କଟକ, ୧୯୯୨ ।

୧୦. ମହାପାତ୍ର, କେଦାରନାଥ, ଖୁରୁଧା ଇତିହାସ, ଗ୍ରନ୍ଥମନ୍ଦିର, କଟକ, ୨୦୦୦ ।

୧୧. ମିଶ୍ର, ପଣ୍ଡିତ ବିନାୟକ, ଓଡ଼ିଆ ସାହିତ୍ୟର ଇତିହାସ, ରାଷ୍ଟ୍ରଭାଷା ପୁସ୍ତକ ଭାଣ୍ଡର, କଟକ, ୧୯୬୨ ।

୧୨. ସିଂହ, ଜଗବନ୍ଧୁ, ପ୍ରାଚୀନ ଉତ୍କଳ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେରଶ୍ୱର, ୧୯୬୪ ।

୧୩. ସିଂହ, ଡ. ବିଜୟାନନ୍ଦ, ଷଡ଼ଙ୍ଗୀ, ଦୀପକ କୁମାର, (ସଂ) କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଗ୍ରନ୍ଥାବଳୀ, କଟକ ଷ୍ଟୁଡେଣ୍ଟସ ଷ୍ଟୋର, ୨୦୧୨ ।

14. Alston, William P., Philosophy of Language, PHI, New Delhi, 2012.

15. Carr, Edward Hallett, What is History, Vintage Books, Newyork, 1961.

16. Fischer, Steven Roger, A History of Language, Reaktion Books, Netherland, 1999.

17. Inscriptions of Orissa, Vol-V, Part-I, Published by Dr. H.C.Das, Superintendent of Museum, Orissa, Bhubaneswar, 1975.

18. Inscriptions of Orissa, Vol-5, Part-II, 1975.

19. Mukherjee, Prabhat, The History of the Gajapati Kings of Orissa, Kitab Mahal, Cuttack, 1981 (2nd revised Edition).

20. Tripathy, Dr. Kunjabihari, The Evolution of Oriya Language and Script, Utkala University Press, Bhubaneswar, 1962.

21. Trudgil, Peter, Bauer, Laurie, Language Myths (Ed) Penguin Books, London, 1991.